ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 29 | 21 - 27 July 2024 | Sambalpur | Pages- 8 | Invitation Price Rs.10

# ସଂଗଠନକୁ ମଜବୁତ କର ଓ ଲୋକଙ୍କ ସହ ଯୋଡି ହୋଇ ରହ: ଜେପି ନଡ୍ଡା



ପୁରୀ: ସଂଗଠନକୁ ମଜବୁତ୍ କରିବା ସହ ଲୋକଙ୍କ ସହ ଯୋଡି ହୋଇ ରହିବାକୁ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଓଡ଼ିଶାରେ ବିଜେପି ସରକାର ଗଠନ କରିବା ପରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ସଭାପତିତ୍ୱରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକକୁ ଶ୍ରୀ ନଡ୍ଡା ଉଦଘାଟନ କରି କହିଛନ୍ତି ଯେ, ଲୋକଙ୍କ ବିଶ୍ୱାସ ବଜାୟ ରଖ । ସୁଶାସନ ଉପରେ ଗୁରୁତ୍ୱ ଦିଅ । ସାଧାରଣ ଲୋକଙ୍କ ସମସ୍ୟା ସରକାରଙ୍କ ଦୃଷ୍ଟିଗୋଚର କରାଅ । ଓଡ଼ିଶାର ବିକାଶ ପାଇଁ ଭାରତୀୟ ଜନତା ପାର୍ଟି ସବୁବେଳେ ଉଦ୍ୟମ ଜାରି ରଖିବ । ରାଜ୍ୟକୁ ବିକାଶ ପଥରେ ନେବାର କୌଣସି ସୁଯୋଗ ଛାଡିବ ନାହିଁ । ଲୋକସଭା ସିଟ୍ ଡବଲ କରିବାକୁ କହିଥିଲେ । ଆପଣମାନେ ୨୦ ସିଟ୍ ଦେଇଛନ୍ତି । ସେହିପରି ବିଧାନସଭାରେ ୪୦.୭ ପ୍ରତିଶତ ଭୋଟ ସହ ସରକାର ଗଠନ କରିବାରେ ସୁଯୋଗ ଦେଇଛନ୍ତି । ବିଜେପିର ପ୍ରଜାତନ୍ତ୍ର ରହିଛି । ବିଜେପି ‘ସବକା ସାଥ ସବକା ବିକାଶରେ ବିଶ୍ୱାସ” କରେ । ପଦ୍ମ ଚିହ୍ନରେ ୧୮ଜଣ ଆଦିବାସୀ ଭାଇ ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି । ଆଦିବାସୀଙ୍କ ବିକାଶ ପାଇଁ ଆମ ସରକାର କାମ କରିବ । ସାଧାରଣ ନିର୍ବାଚନରେ ବିଜେପିକୁ ଓଡ଼ିଶାବାସୀ ବିପୁଳ ସମର୍ଥନ ଦେଇଥିବାରୁ ଓଡିଶାବାସୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛି । ଆଜିର ଦିନରେ ବିଜେପି ୧୩ଟି ରାଜ୍ୟରେ ଶାସନ କରୁଛି । ଏନ୍‌ଡିଏ ନେତୃତ୍ୱରେ ୧୮ଟି ରାଜ୍ୟରେ ସରକାର ଚାଲିଛି । ଦେଶର ୫୭ ପ୍ରତିଶତ ଭୂଭାଗରେ ବିଜେପି ସରକାର ଚାଲିଛି । କଂଗ୍ରେସ ଅନ୍ୟର ଭରସାରେ ବଂଚିଛି । ମୋଦି ଶାସନରେ ଭାରତ ଆତ୍ମନିର୍ଭରଶୀଳ ଦିଗରେ ଆଗକୁ ବଢୁଛି । କିଛି ବର୍ଷ ପୂର୍ବରୁ ଭାରତରେ ବ୍ୟବହାର ହେଉଥିବା ମୋବାଇଲ୍ ମେଡ ଇନ୍ ଜାପାନ, ମେଡ ଇନ୍ ଚାଇନା, ମେଡ ଇନ୍ ତାଇୱାନ ଲେଖା ଯାଉଥିଲା, ଏବେ କିନ୍ତୁ ଭାରତରେ ମୋବାଇଲ ଉତ୍ପାଦନ ହେଉଛି । ଏବେ ଆପଣମାନେ ବ୍ୟବହାର କରୁଥିବା ମୋବାଇଲ୍‌ରେ ମେଡ ଇନ୍ ଇଣ୍ଡିଆ” ଲେଖା ରହୁଛି । କେବଳ ମୋବାଇଲ ନୁହେଁ ବରଂ ଅଟୋ ମୋବାଇଲ ସେକ୍ଟରରେ ମଧ ଭାରତର ବିକାଶ ହୋଇଛି । ବିଶ୍ୱର ତୃତୀୟ ସର୍ବବୃହତର ଅଟୋ ମୋବାଇଲ ଉତ୍ପାଦନକାରୀ ରାଷ୍ଟ୍ର ହୋଇଛି ଭାରତ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

ସେ କହିଥିଲେ ଯେ, ନିର୍ବାଚନ ଫଳାଫଳକୁ ଦେଖି କଂଗ୍ରେସ ଭାରି ଉତ୍ସାହିତ ହେଉଛି । ଯେପରି କୌଣସି ଫେଲ ହେଉଥିବା ଛାତ୍ର ହଠାତ୍ ପାସ୍ ହୋଇଗଲେ ଯେମିତି ଖୁସି ହୁଅନ୍ତି କଂଗ୍ରେସ ମାତ୍ର ୯୯ ଆସନ ପାଇ ସେମିତି ଖୁସି ହେଉଛି । ଇଣ୍ଡିଆ ମେଣ୍ଟର ସମସ୍ତ ସାଂସଦଙ୍କୁ ମିଶାଇଲେ ମଧ ବିଜେପି ସାଂସଦଙ୍କ ଠାରୁ କମ୍ । ୨୦୧୪, ୨୦୧୯, ୨୦୨୪ରେ କଂଗ୍ରେସର ନିର୍ବାଚିତ ସାଂସଦଙ୍କ ଠାରୁ ବିଜେପି ସାଂସଦଙ୍କ ସଂଖ୍ୟା ଅଧିକ । ୧୩ ରାଜ୍ୟରେ କଂଗ୍ରେସ ଦଳ ଶୂନ, ତଥାପି ଏମିତି ଉତ୍ସାହ ଦେଖାଉଛନ୍ତି, ଯେମିତି ବଡ



ବିଜୟ ହାସଲ କରିଛନ୍ତି । କଂଗ୍ରେସ ଦଳ ପରଜୀବୀ ଦଳ ପାଲଟିଯାଇଛି । ଅନ୍ୟ ଦଳର ସହଯୋଗରେ କଂଗ୍ରେସ ବିଜୟୀ ହେଉଛି । ଯେଉଁଠି ଆଂଚଳିକ ଦଳ କଂଗ୍ରେସର ହାତଛାଡି ଦେଉଛନ୍ତି ସେଠାରେ କଂଗ୍ରେସ ଶୋଚନୀୟ ପରାଜୟ ବରଣ କରୁଛି । କଂଗ୍ରେସ ଯେଉଁ ପାର୍ଟି ସହ ଯୋଡିହୁଏ ସେହି ଦଳକୁ ଦୁର୍ବଳ କରିଦିଏ । କଂଗ୍ରେସ ଏବେ ସମ୍ବିଧାନ ଓ ଗଣତନ୍ତ୍ରର ରକ୍ଷକଭାବେ ନିଜକୁ ଚିତ୍ରଣ କରୁଛି । କିନ୍ତୁ ବାସ୍ତବରେ ଏମାନଙ୍କ ସମ୍ବିଧାନ ସହ କୌଣସି ନେଣଦେଣ ନାହିଁ । କଂଗ୍ରେସ ସମ୍ବିଧାନର ରକ୍ଷକ ନୁହେଁ ସମ୍ବିଧାନର ଭକ୍ଷକ । ଭାରତର ସମ୍ବିଧାନକୁ ଅନେକଥର ଆଘାତ ପହଂଚାଇଛି କଂଗ୍ରେସ । ଜରୁରୀକାଳୀନ ସ୍ଥିତି ସମୟରେ ଲୋକଙ୍କୁ ବିନା କାରଣରେ ଜେଲରେ ଭର୍ତ୍ତି କରିଥିଲେ । କଂଗ୍ରେସ ଦଳ ହିଁ ୯୦ଥର ନିର୍ବାଚିତ ସରକାରଙ୍କୁ ଭାଙ୍ଗିଛି । ନବୀନ ବାବୁଙ୍କୁ ପଚାରନ୍ତୁ କିଭଳି ତାଙ୍କ ବାପା ବିଜୁ ବାବୁଙ୍କୁ ଜେଲ୍‌ରେ ଭର୍ତି କରିଥିଲା କଂଗ୍ରେସ । ମୋଦିଙ୍କୁ ବିରୋଧ କରୁ କରୁ ଏବେ କଂଗ୍ରେସ ଦେଶକୁ ବିରୋଧ କରିବା ଆରମ୍ଭ କଲାଣି ।

ସେ ପୁଣି କହିଥିଲେ ଯେ, ବିଜେପି ହେଉଛି ବିଚାରଧାରାର ଦଳ । କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିଛି ବିଜେପି । ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣ କରିଛି ବିଜେପି ଦଳ । ୨୦୧୪ ପୂର୍ବରୁ ଭାରତକୁ ଦୁର୍ନୀତିଖୋର ଦେଶ କୁହାଯାଉଥିଲା, ରିମୋଟ କଂଟ୍ରୋଲରେ ସରକାର ଚାଲୁଥିଲା । କିନ୍ତୁ ୨୦୧୪ ପରେ ଦେଶରେ ପରିବର୍ତନ ଆଣିଛନ୍ତି ମୋଦି । କମ୍ ସମୟରେ ଅଧିକ କାମ କରିବାକୁ ଆହ୍ୱାନ ଦେଇଥିଲେ ମୋଦି । ଏବେ ପୂରା ଦେଶ ଭାରତକୁ ଦେଖୁଛି । କିଭଳି ଭାରତ କାର୍ଯ୍ୟ କରୁଛି ତାହା ବିଶ୍ୱ ଜାଣିବାକୁ ଚାହୁଁଛି । ବିଶ୍ୱରେ ଭାରତର ଛବିକୁ ଶୀର୍ଷସ୍ତରରେ ପହଂଚାଇଛନ୍ତି ମୋଦି । ଏବେ ଭାରତ ବଦଳି ସାରିଛି । ୟୁକ୍ରେନ ଓ ଋଷ ଯୁଦ୍ଧ, କରୋନା ମହାମାରୀ ପରେ ମଧ ଭାରତର ଆର୍ଥିକ ସ୍ଥିତି ସୁଦୃଢ଼ ରହିଛି । ଏବେ ବିଶ୍ୱରେ ଭାରତ ପଞ୍ଚମ ବୃହତ ଅର୍ଥବ୍ୟବସ୍ଥା ପାଲଟିଛି । ଆଗକୁ ଭାରତ ୨ୟ ବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି ବୋଲି ଶ୍ରୀ ନଡ଼ା କହିଛନ୍ତି ।

ବିଜେପିର ରାଷ୍ଟ୍ରୀୟ ସଭାପତି କହିଥିଲେ ଯେ, ଏବେ ଓଡ଼ିଶାରେ ବିଜେପି ସରକାର ଗଢ଼ିଛି । କିନ୍ତୁ ଏହାପୂର୍ବରୁ ମଧ ଓଡ଼ିଶାକୁ କେବେ ଅଣଦେଖା କରିନି କେନ୍ଦ୍ର ସରକାର । ଆର୍ଥିକ ପ୍ୟାକେଜ୍ ସହ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି ବିଜେପି । ସରକାର ବଦଳିବା ସହ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯାଇଛି । (ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ନବୀନ ପଟ୍ଟନାୟକ ହେଲେ ବିଜେଡି ରାଜ୍ୟସଭା ସଂସଦୀୟ ଦଳର ଅଧକ୍ଷ



ଭୁବନେଶ୍ୱର: ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ରାଜ୍ୟସଭା ସଂସଦୀୟ ଦଳର ଅଧକ୍ଷ ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ସମସ୍ତ ସଦସ୍ୟଙ୍କ ଅନୁରୋଧ କ୍ରମେ ନବୀନ ପଟ୍ଟନାୟକ ଏଥିରେ ରାଜି ହୋଇ ଏହି ପଦବୀରେ ରହିଛନ୍ତି । ପାରଲାମେଣ୍ଟ ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ଅନୁଷ୍ଠିତ ସଂସଦୀୟ ଦଳ ବୈଠକରେ ଉଦବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସବୁବେଳେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇଛି ବିଜେଡି । ସଂସଦର ଆଗାମୀ ବଜେଟ ଅଧିବେଶନରେ ମଧ ସାଢେ ଚାରି କୋଟି ଓଡ଼ିଆଙ୍କର ସ୍ୱର ସାଜିବ ବିଜୁ ଜନତା ଦଳ । ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲଢେଇ କରିବାକୁ ନବୀନ ସମସ୍ତଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତିକରଣ, ଚାଷୀଙ୍କ ଉନ୍ନତି ପାଇଁ ଦଳ ଲଢେଇ କରିବ । ଅବହେଳିତ ଜାତୀୟ ରାଜପଥ, କୋଇଲା ରୟାଲଟି ବୃଦ୍ଧି, ମହିଳା ସଂରକ୍ଷଣ ବିଲ ଲାଗୁ ପ୍ରସଙ୍ଗ ମଧ ଗୃହରେ ଉଠାଇବ ଦଳ । ସବୁ ପ୍ରସଙ୍ଗରେ ସୁଦୃଢ ବିରୋଧୀ ଦଳ ଭାବରେ ବିଜେଡି ସଂସଦରେ ସବୁ ପ୍ରସଙ୍ଗକୁ ଉପସ୍ଥାପନ କରିବ । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଓ ଯୁକ୍ତିଯୁକ୍ତ ଦାବିକୁ ଉପସ୍ଥାପନ କରାଯିବ ବୋଲି ସାଂସଦଙ୍କୁ ନବୀନ ପରାମର୍ଶ ଦେଇଛନ୍ତି ।

## ବିରାଜ ଷ୍ଟିଲ୍ ଆଣ୍ଡ ଏନର୍ଜି ଲିମିଟେଡ ବନ୍ଦ କରିବାକୁ ସୁପାରିଶ

ସମ୍ବଲପୁର : ରେଙ୍ଗାଲି ବ୍ଲକ୍‌ର ଗୁରୁପାଲି ଠାରେ ଥିବା ବିରାଜ ଷ୍ଟିଲ୍ ଆଣ୍ଡ ଏନର୍ଜି ଲିମିଟେଡ ଖୋଲାଖୋଲି ଭାବେ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉଲ୍ଲଂଘନ କରୁଥିବାରୁ କାରଖାନା ଚଳାଇବା ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ସିବି) ପକ୍ଷରୁ କାରଖାନା ଚଳାଇବା ପାଇଁ ପ୍ରଦତ୍ତ ଅନୁମତି(ସିଟିଓ)କୁ ପ୍ରତ୍ୟାହାର କରିବା ତଥା କାରଖାନାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାକୁ ସୁପାରିଶ୍ କରାଯାଇଛି । ବୋର୍ଡର ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଡକ୍ଟର ସତ୍ୟନାରାୟଣ ନନ୍ଦ ଏ ବାବଦରେ ମୁଖ୍ୟାଳୟର ମୁଖ୍ୟ ପରିବେଶ ଯନ୍ତ୍ରୀଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଛି ।

ବିରାଜ ଷ୍ଟିଲ କଂପାନି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସିଟିଓ ପ୍ରଦାନ ସମୟରେ ଦିଆଯାଇଥିବା ସର୍ତ୍ତାବଳୀର ଉଲ୍ଲଂଘନ କରୁଛି । ପାଉଁଶ ପରିଚାଳନା ଆଦୌ ଠିକ୍ ଭାବେ ହେଉ ନାହିଁ । ବାୟୁ ପ୍ରଦୂଷଣର ସିଧାସଳଖ ପ୍ରଭାବ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନଜୀବିକା ଉପରେ ପଡୁଛି । ଗତ ୧୧ ତାରିଖ ଦିନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ବଲପୁର ଆଂଚଳିକ କାର୍ଯ୍ୟାଳୟର ଏକ ଟିମ୍ ଏହି କାରଖାନା ପରିସର ନିରୀକ୍ଷଣ




କରିଥିଲେ । ନିରୀକ୍ଷଣ ସମୟରେ କମ୍ପାନି ପ୍ରଦୂଷଣ ରୋକିବା ଦିଗରେ ଆନ୍ତରିକତାର ସହିତ କାମ କରୁନଥିବା ସେମାନେ ଜାଣିବାକୁ ପାଇଥିଲେ । ନିରୀକ୍ଷଣ ସମୟରେ ଅନେକ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥିଲା । କମ୍ପାନିକୁ ପୂର୍ବରୁ ବି ନୋଟିସ୍ ଦିଆଯାଇଥିଲା । ସେହି ସମୟରେ କମ୍ପାନି ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏପର୍ଯ୍ୟନ୍ତ କିଛି କରିନାହିଁ । ଏଥିପାଇଁ ବିରାଜ ଷ୍ଟିଲ୍ କାରଖାନାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାକୁ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟାଳୟକୁ ଅନୁରୋଧ କରାଯାଇଛି ।

## ଏ ସଂଖ୍ୟାରେ..


ରକ୍ତଚାପକୁ ନିୟନ୍ତ୍ରଣ କରେ ଅଙ୍ଗୁର


ସ୍ୱାସ୍ଥ୍ୟ ପାଇଁ ଭଲ ବୁଟ


ଶରୀର ପାଇଁ ଭଲ ବାସିରୁଟି


ଶରୀର ପାଇଁ ଭଲ ସାଗୁଦାନା


ଦେହକୁ ହିତ ଗାଜର


ବଥୁଆ ଶାଗର ଉପକାରିତା

# ସୁଖୀ ଜୀବନର ଆଧାର - ଭାବନାତ୍ମକ ସନ୍ତୁଳନ

**ଭା**ବନାତ୍ମକ ପରିପକ୍ୱତା ଏକ ସଫଳ ସୁଖୀ ଜୀବନର ଆଧାର । ଯଦି ବ୍ରକ୍ତି ଭାବନାତ୍ମକ ରୂପେ ବିକଶିତ ନୁହେଁ, ତେବେ ପରିବାର ହେଉ କି ସମାଜ, ପରସ୍ପର ସମ୍ବନ୍ଧକୁ ସେ ଉଚିତ ଢ଼ଙ୍ଗରେ ନିର୍ବାହ କରି ପାରିବ ନାହିଁ । ଜୀବନର ଉତଥାନ ପତନ ମଧ୍ୟରେ ସେ ଭାବନାର ପ୍ରାବଲ୍ୟରେ ପ୍ରବାହିତ ହୋଇଯାଏ ଏବଂ ଉଚିତ ନିର୍ଣ୍ଣୟ ନେବା ପାଇଁ ସମର୍ଥ ହୁଏ ନାହିଁ । ଦୈନିକ ଜୀବନରେ ଆମେ ନିଜର ବିଚାର, ବ୍ୟବହାର ଓ ଆଚରଣକୁ ଅନୁଶାସିତ ରଖି ନିଜର ଭାବନାତ୍ମକ ସନ୍ତୁଳନକୁ ନିୟନ୍ତ୍ରଣ କରି ପାରିବା । ପ୍ରଥମ ଚରଣରେ ନିଜର ଭାବନାକୁ ବୁଝିବା ଉଚିତ । ବିଭିନ୍ନ ପ୍ରକାର ଲୋକଙ୍କ ମଧ୍ୟରେ ବ୍ୟବହାର କରିବା ସମୟରେ ଆମେ ଭାବନାର ସ୍ତର ଓ ସ୍ୱରୂପ କ'ଣ ରହେ, ଏହାକୁ ବୁଝିବା ପାଇଁ ପ୍ରୟାସ କରିବା । କେଉଁଠି ଆମର ଭାବନା ଅଗଠିତ ରହିଛି, କେଉଁଠି ଏହାକୁ ନେଇ ଆମେ ଅସହଜ ଅସୁରକ୍ଷିତ ଅନୁଭବ କରୁ, କେଉଁଠି ଏହାର ଦମନ ହେଉଛି ଇତ୍ୟାଦି । ଏହା ମଧ୍ୟରେ ନିଜର ଯଥାର୍ଥ ସ୍ଥିତିକୁ ସ୍ୱୀକାର କରିବା । ଏହି ଆତ୍ମସ୍ୱୀକୃତି ସହିତ ପରିବର୍ତ୍ତନର ଶୁଭାରମ୍ଭ ହେବ । ପ୍ରତ୍ୟେକ ବ୍ୟବହାର ଓ ପରିସ୍ଥିତି ମଧ୍ୟରେ ଆମେ ନିଜର ଭାବନା ଏବଂ ମନଃସ୍ଥିତିକୁ ଅବଲୋକନ କରି ଏଥିରେ ଉତ୍ତରୋତ୍ତର ସୁଧାର କରି ପାରିବା । ଭାବନା ଉପରେ କ୍ରମଶଃ ନିୟନ୍ତ୍ରଣ ସ୍ଥାପନ କରି, ଏହାକୁ ପରିଷ୍କୃତ ଓ ପରିପକ୍ୱ କରି ପାରିବା, କିନ୍ତୁ ସ୍ୱୟଂର ସ୍ୱୀକୃତି ଏବଂ ବୋଧର ସହିତ ଏହାର ଶୁଭାରମ୍ଭ ହେବ ।

ନିଜର ଭାବନାକୁ ବୁଝି ଆମେ ତାହାକୁ କାଗଜ ଉପରେ ପ୍ରତିଫଳିତ କରି ମନକୁ ହାଲୁକା କରି ପାରିବା, ତାହାକୁ ବୈଚାରିକ ସ୍ପଷ୍ଟତା ଦେଇ ପାରିବା । ନିଜର କୌଣସି ବିଶ୍ୱସନୀୟ ମିତ୍ର ବା ଅଭିଭାବକ ଯେଉଁମାନେ ଆମକୁ ବୁଝିଛନ୍ତି, ତାଙ୍କ ସହିତ ତାହାକୁ ମଧ ବାଣ୍ଟି ପାରିବା । ଏହା ଆମର ଭାବନା ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରିବାରେ ସହାୟକ ହୋଇଥାଏ । ଯଦି ଏହା ମଧ ସମ୍ଭବ ନ ହୁଏ, ତେବେ ନିଜର ଇଷ୍ଟ, ଆରାଧ ଓ ଗୁରୁଙ୍କ ସମ୍ମୁଖରେ ନିଜର ଭାବ ନିବେଦନ କରି ପାରିବା । ସଚ୍ଚୋଟତା ଓ ଆଦର ପୂର୍ବକ କରାଯାଇଥିବା ଏହି ପ୍ରୟୋଗ ସକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ଆମେ ଭାବନାତ୍ମକ ରୂପେ ଅଧିକ ସଶକ୍ତ ଓ ସନ୍ତୁଳିତ ଅନୁଭବ କରିଥାଉ ।

ଯଦି ଆମେ ନିଜର ସ୍ଥିତିକୁ ହୃଦୟର ସହିତ ସ୍ୱୀକାର କରିବା, ତେବେ ପୁଣି ନିଜ ଭାବନା ପ୍ରତି ନକାରାତ୍ମକ ଦୃଷ୍ଟିକୋଣକୁ ଧରି ରଖିବାର କୌଣସି କାରଣ ରହେ ନାହିଁ । ଯଦିଓ ଦୀର୍ଘକାଳ ପର୍ଯ୍ୟନ୍ତ ପରିପାଳିତ କରାଯାଇଥିବା ନକାରାତ୍ମକତାକୁ ସକାରାତ୍ମକ କରାଇବାରେ କିଛି ସମୟ ଲାଗିପାରେ, କିନ୍ତୁ ସଚ୍ଚୋଟତା ଭରା ପ୍ରୟାସ ଶେଷରେ ଫଳିତ ହୋଇଥାଏ । ଜୀବନକୁ ଅସ୍ଥିର ଅସନ୍ତୁଳିତ କରୁଥିବା ନକାରାତ୍ମକ ଭାବର ମୂଳ ପର୍ଯ୍ୟନ୍ତ ପହଞ୍ଚିବା ପରେ ତାହାର ରୂପାନ୍ତରଣର ପ୍ରକ୍ରିୟା ଆରମ୍ଭ ହୋଇଯାଏ । ଏହା ସହିତ ଏ ଉପରେ ନ୍ୟୁନତମ ନିୟନ୍ତ୍ରଣର ଅଭ୍ୟାସ ସକାରାତ୍ମକ ଭାବର ସଞ୍ଚାର କରିଥାଏ ଏବଂ ଜୀବନର ସମ୍ଭାବନାଗୁଡିକ ପ୍ରତି ଏକ ନୂତନ ଦୃଷ୍ଟିକୋଣ ଅଙ୍କୁରିତ ହୋଇଥାଏ ।


ଏହା ଭାବନାତ୍ମକ ବିକାଶର ଏକ ସରଳ, କିନ୍ତୁ ପ୍ରଭାବଶାଳୀ ସୂତ୍ର । ଯେତେବେଳେ ଆମେ କାହାର କଥାକୁ ଧାନ ପୂର୍ବକ ଶୁଣୁ, ତ ଏହା ପ୍ରତିପକ୍ଷର କ୍ଷତ ଉପରେ ମଲମ ଲଗାଇବାର କାର୍ଯ୍ୟ କରିଥାଏ । ସେହି ବ୍ୟକ୍ତି ଠାରେ ଶ୍ରୋତାଙ୍କ ପ୍ରତି ବିଶ୍ୱାସ ଜନ୍ମ ନେଇଥାଏ । ଏହା ସହିତ ଶ୍ରୋତାଙ୍କର ମଧ ଭାବନାତ୍ମକ ବିକାଶ ହୋଇଥାଏ । ପ୍ରଖ୍ୟାତ ବିଚାରକ ଓ ଲେଖକ ଷ୍ଟିଫେନ କୋଭେଙ୍କ ଭାଷାରେ ସମ୍ବେଦନଶୀଳ ଶ୍ରବଣ ସହିତ ଇମୋଶନାଲ ବ୍ୟାଙ୍କ ଆକାଉଣ୍ଟ ସମୃଦ୍ଧ ହୋଇଥାଏ । ଏହା ସହିତ ବ୍ୟକ୍ତି ଅଧିକ ଭାବପ୍ରବଣ ହୋଇଥାଏ ଏବଂ ତା'ର ବ୍ୟକ୍ତିତ୍ୱର ବିଶ୍ୱସନୀୟତା ଓ ପ୍ରାମାଣିକତାରେ ବୃଦ୍ଧି ହୋଇଥାଏ । ଏକ ଉତ୍ତମ ଚିକିତ୍ସକ ଏହାର ଆଧାରରେ ରୋଗୀର ବିଶ୍ୱାସ ଜିତିଥାଏ ଏବଂ ନିଜର ଉପଚାରକୁ ପ୍ରଭାବଶାଳୀ କରିପାରିଥାଏ । ଏହା ଭାବନାତ୍ମକ ବିକାଶ ସନ୍ଦର୍ଭରେ କରାଯାଉଥିବା ପ୍ରୟାସ ପ୍ରତି ମଧ ସତ୍ୟ ହୋଇଥାଏ । ଏହା ନିଃସନ୍ଦେହ ଯେ ସଂକୀର୍ଣ୍ଣ ସ୍ୱାର୍ଥ ଓ କ୍ଷୁଦ୍ର ଅହଙ୍କାର ଉପରେ ଅନୁଶାସନ ଏବଂ ତପସ୍ୟାର ଲଗାମ ଲଗାଇବା ଆବଶ୍ୟକତା ତଥା ଏହା ସହିତ ଭାବନାତ୍ମକ ବିକାଶରେ ଏହାର ମଧ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ । ଏହି ପ୍ରକାର ସଂଯମ ସଦାଚାର ଶାରୀରିକ ଓ ବ୍ୟାବହାରିକ ସ୍ତରରେ ବ୍ୟକ୍ତିତ୍ୱକୁ ସଶକ୍ତ କରିଥାଏ । ତପର ଭାଟିରେ ଚିତ୍ତର ଶୋଧନ ହୋଇଥାଏ । ଏହା ଦ୍ୱାରା ଜନ୍ମ ଜନ୍ମାନ୍ତରର କୁସଂସ୍କାର ଗୁଡିକର ପ୍ରକ୍ଷାଳନ ହୋଇଥାଏ ଏବଂ ଭାବନାତ୍ମକ ସନ୍ତୁଳନ ଓ ବିକାଶ ପାଇଁ ପୌଷ୍ଟିକ ଆହାର ପ୍ରସ୍ତୁତ ହୋଇଥାଏ, ଯାହା ନିଷ୍କାମ ସେବାକୁ ଗତିଶୀଳ କରାଇଥାଏ ।

ଏହା ଏକ କଟୁ ସତ୍ୟ ଯେ ଆମର ପ୍ରାୟ ପ୍ରତ୍ୟେକ କର୍ମ କୌଣସି ନା କୌଣସି ସ୍ୱାର୍ଥ ଦ୍ୱାରା ପ୍ରେରିତ ହୋଇଥାଏ ଏବଂ ସେଥିରେ କେଉଁଠି ନା କେଉଁଠି ନିଜ ଅହଂର ତୁଷ୍ଟି ଭାବ ରହିଥାଏ । ଭାବନାତ୍ମକ ରୂପେ କାଙ୍ଗାଳ ବ୍ୟକ୍ତିର ମୂଳରେ ନିପଟ ସ୍ୱାର୍ଥପଣ ଓ ଘୋର ଅହଙ୍କାର ନିହିତ ଥାଏ, ଯେଉଁ କାରଣରୁ ସେ ମାନସିକ ସ୍ତରରେ ବ୍ୟତିବ୍ୟସ୍ତ ରହିଥାଏ, କିନ୍ତୁ ପ୍ରାୟ ସେ ନିଜର ସ୍ଥିତିକୁ ବୁଝି ପାରେ ନାହିଁ । ତେଣୁ ଦିନରେ ଗୋଟିଏ କାର୍ଯ୍ୟ ବିନା କୌଣସି ସ୍ୱାର୍ଥରେ ନିଷ୍କାମ ଭାବରେ କରିବାର ଅଭ୍ୟାସ ଜାରି ରଖିଲେ ଆମେ ଭାବନାତ୍ମକ ଭାବରେ କରିବାର ଅଭ୍ୟାସ ଜାରି ରଖିଲେ ଆମେ ଭାବନାତ୍ମକ ବିକାଶର ମଙ୍ଗକୁ ଧରି ପାରିବା ଏବଂ କ୍ରମଶଃ ଯେତେବେଳେ ସେବା ଜୀବନର ଅଙ୍ଗ ହେବାରେ ଲାଗେ, ଆମର ଭାବନାତ୍ମକ ବିକାଶ ମଧ ଗତିଶୀଳ ହୋଇଥାଏ ।

ଯେହେତୁ ଭାବନାତ୍ମକ ବିକାଶ ଭାବ, ଆସ୍ଥା ଓ ହୃଦୟ କ୍ଷେତ୍ରରେ କାର୍ଯ୍ୟ, ତେଣୁ ଉପାସନା ଏହାର ଏକ ପ୍ରଭାବଶାଳୀ ଉପାୟ । ଉପାସନା ସମୟରେ ଆମେ ଭାବନାତ୍ମକ ଗଭୀରତା ଦ୍ୱାରା ନିଜର ଇଷ୍ଟ ଆରାଧଙ୍କ ସହିତ ଯୋଡି ହେବାର ପ୍ରୟାସ କରିଥାଉ । ପ୍ରାର୍ଥନା ସମୟରେ ଆମେ ଭାବନାର ଶିଖର ଉପରେ ପହଞ୍ଚି ଥାଉ, କାରଣ ସେତେବେଳେ ହୃଦୟର ଗହନତମ କ୍ଷେତ୍ରରୁ ଆକୁଳ ଡାକ ଉଠିଥାଏ । ନିଜର ମହାନତା ଓ ପରିପକ୍ୱତା ସହିତ, ଆଧାତ୍ମିକ ସମ୍ବାଦର ଏହି କ୍ଷଣ ପରମସତ୍ତାଙ୍କ ଦିବ୍ୟ ସଂସ୍ପର୍ଶ ସହିତ ଭାବର ରୂପାନ୍ତରଣର କ୍ଷଣ ହୋଇଥାଏ ଏବଂ ବ୍ୟକ୍ତିର ଭାବନାତ୍ମକ ବିକାଶ ଗହନତମ ସ୍ତରରେ ଘଟିତ ହୋଇଥାଏ । ଭକ୍ତ ଜୀବନର ରୂପାନ୍ତରଣର ଚମତ୍କାରିକ କଥା ଗାଥା ଏହି ଆଧାରରେ ଘଟିତ ହୋଇଥାଏ । ଉପଯୁକ୍ତ ବର୍ଣ୍ଣିତ ସୂତ୍ରଗୁଡିକୁ ଗ୍ରହଣ କରି ଆମେ ନିଜର ଭାବନାତ୍ମକ ସନ୍ତୁଳନ ଓ ବିକାଶକୁ ବଜାୟ ରଖି ପାରିବା । ନିଶ୍ଚିତ ଭାବରେ ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା କିନ୍ତୁ ଏହା ଆତ୍ମବିକାଶର ରାଜମାର୍ଗ ମଧ ।

# ବୃକ୍ଷର ମାହାତ୍ମ୍ୟ

**ବି**ଭିନ୍ନ ଦେବୀଙ୍କୁ ନେଇ ପାଳନ କରାଯାଉଥିବା ପର୍ବରେ ଗଛର ଭୂମିକା ରହିଛି । ବିଶେଷ କରି ନବରାତ୍ରି, ଗୌରୀ ପୂଜା ଓ ତେଜ୍ ଭଳି ପର୍ବରେ ମହିଳାମାନେ ଗଛ ପୂଜା କରୁଥିଲେ । ସେମାନେ ପୁଷ୍ଟିକାରକ ତଥା ଔଷଧୀୟ ଗଛ ଭାବେ ଦେବୀଙ୍କୁ ବିବେଚନା କରିବା ସହ ସେମାନଙ୍କୁ ପୂଜା କରୁଥିଲେ । ଏହି ଗଛଗୁଡ଼ିକ ମଧ୍ୟରେ ରହିଛି କଦଳୀ, ଆମ୍ବ, ନଡ଼ିଆ, ଧାନ, ବେଲ, ଅଶୋକ, ଅପରାଜିତା ଏବଂ ଜୟନ୍ତୀ । ବୁଝିବାକୁ ଗଲେ ଏହିସବୁ ଗଛ ଦେବୀଙ୍କର ନଅ ପ୍ରକାର ସ୍ୱରୂପ (ନବଦୁର୍ଗା ରୂପ) । ଏଗୁଡ଼ିକ ଆମକୁ ଖାଦ୍ୟ ଯୋଗାନ୍ତି ଓ ସୁନ୍ଦର କରି ଗଢ଼ନ୍ତି । କେବଳ ଏତିକି ନୁହେଁ ଏଗୁଡ଼ିକ ମଧ ଆମକୁ ସୁସ୍ଥ ରଖନ୍ତି । କିନ୍ତୁ ଆମେ ଏବେ ପ୍ରକୃତି ଓ ଉଦ୍ଭିଦ ସହିତ ଆମ ସମ୍ପର୍କ ହରାଇଦେଇଛୁ । ଆମେ ଦେବୀଙ୍କ ସ୍ୱରୂପ ଏହି ଗଛକୁ ପୂଜା କିମ୍ବା ରକ୍ଷଣାବେକ୍ଷଣ କରୁନାହୁଁ । ଅନ୍ୟପକ୍ଷରେ ଦେବୀଙ୍କର ପଥର, ଧାତୁ, ପ୍ଲାଷ୍ଟିକ ତଥା ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତିକୁ ଗ୍ରହଣ କରିଛୁ । ଏଥିପାଇଁ ବୃକ୍ଷକୁ ଗୁରୁତ୍ୱ ଦେଉନାହୁଁ । ଆଧୁନିକ ଯୁଗରେ ବିକାଶ ନାମରେ ରାସ୍ତାଘାଟ, କଳ କାରଖାନା ତିଆରି କରିବାକୁ ଅନେକ ହଜାର ଗଛ କାଟିବାରେ ଲାଗିଛୁ । ଏହା ଆମର ଏକ ଅଭ୍ୟାସ ପାଲଟିଗଲାଣି ଓ ତାହାକୁ ସାମାଜିକ ସ୍ତରରେ ମଧ ଗ୍ରହଣ କରିନେଇଛୁ । ମନେ ରଖିବାକୁ ହେବ, ଅଲଟ୍ରାସୋନିକ ଫ୍ରିକେନ୍ସି ବା ତରଙ୍ଗ ଗଛରୁ ସୃଷ୍ଟି ହୋଇଥାଏ । ଏହା ବୈଜ୍ଞାନିକଙ୍କ ଦ୍ୱାରା ଆବିଷ୍କୃତ ହୋଇଛି । ମଣିଷ ଏହି ତରଙ୍ଗକୁ ଶୁଣିପାରେ ନାହିଁ । ଫଳରେ ମଣିଷ ଅଲଟ୍ରାସୋନିକ ତରଙ୍ଗକୁ ଗୁରୁତ୍ୱ ଦେଉ ନାହିଁ । ଗୋଟିଏ ସମୟ ଥିଲା ଭାରତରେ ସବୁଆଡ଼େ ଗଛ ଥିଲା । ସେହି ସମୟରୁ ଆମେ ଅନେକ ପଥ ଅତିକ୍ରମ କରିଆସିଲୁଣି । ଜଙ୍ଗଲ ସୁରକ୍ଷା ଆମର କର୍ତ୍ତବ୍ୟ ହୋଇ ରହିଥିଲା । ତାହାକୁ ଆମେ ପବିତ୍ର, ମନେକରୁଥିଲୁ । ଜଙ୍ଗଲରେ ଗୋରୁ ଚରାଇବା, ଚାଷ କରିବା, ଫଳମୂଳ କିମ୍ବା ଜାଳେଣି କାଠ ସଂଗ୍ରହ ଉପରେ କଟକଣା ଥିଲା ।



କାହାକୁ ଏଥିପାଇଁ ଅନୁମତି ନ ଥିଲା । ଜଙ୍ଗଲ ଥିଲା ଭାରତର ଆଦ୍ୟ ମନ୍ଦିର । କିନ୍ତୁ ବର୍ତ୍ତମାନ ସମସ୍ତେ ତାହା ପାସୋରି ଗଲେଣି । ସେ ସମୟରେ ବୃକ୍ଷପୂଜା ପରମ୍ପରାର ସାକ୍ଷୀ ଭାବେ ରହିଛି ହରପ୍ପା ସଭ୍ୟତା । ଏହି ସଭ୍ୟତାରେ ସେତେବେଳେ ପ୍ରଚଳିତ ମୋହର ଉଦ୍ଭିଦର ପୂଜନକୁ ଦର୍ଶାଏ । ସଭ୍ୟତାରେ ପ୍ରଚଳିତ ମୁଦ୍ରାଗୁଡ଼ିକରେ ପୁରୁଷ ଏବଂ ମହିଳାମାନେ ଗଛରୁ ଉଦ୍ଭବ ଦେବୀଙ୍କ ଚାରିପାଖରେ ନୃତ୍ୟ କରୁଥିବା ଦେଖାଯାଏ । ତେବେ ସେହି ଉଦ୍ଭିଦ ଦେବୀ ସାକମ୍ବରୀଙ୍କର ପ୍ରାରମ୍ଭିକ ରୂପ ଥିଲେ ବୋଲି ଅନୁମାନ କରାଯାଏ ।

ନର୍ମଦା ନଦୀର ଦକ୍ଷିଣରେ ଥିବା ଅଞ୍ଚଳରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏକ ଦେବୀଙ୍କ ଚିତ୍ର ପାଇଛନ୍ତି । ଏହି ଦେବୀ ଏହା ହାତଗୋଡ଼ ଲମ୍ବାଇ ତଳେ ଶୟନ ମୁଦ୍ରାରେ ରହିଛନ୍ତି ଓ ତାଙ୍କ ନାମ ଅଜଣା । ଦେବୀଙ୍କ ମୁଣ୍ଡ ପଦ୍ମଫୁଲ ଆକାରର । ଏହା ବ୍ୟତୀତ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏକ ପ୍ରାକ୍ ବୈଦିକ ଦେବୀଙ୍କୁ ଆବିଷ୍କାର କରିଥିଲେ । ଏହି ମା'ଙ୍କ ସ୍ୱରୂପ ଶାନ୍ତ ଓ ନମ୍ର । ସେମାନେ ମା'ଙ୍କ ନାମ ଲଜ୍ଜାଗୌରୀ ନାମିତ କରିଥିଲେ । ତେବେ ବଙ୍ଗାଳୀ ବିବାହ ଏବଂ ଅମଳ ପର୍ବରେ ଲାଲ ରଙ୍ଗର ବଙ୍ଗଳା ସ୍ୱସ୍ତିକରେ ଜଣେ ନାରୀ ହାତଗୋଡ଼ ଖୋଲା ରଖିଥିବା ଲକ୍ଷ୍ୟ କରାଯାଏ ଓ ତାଙ୍କର ବୈଦିକ ଦେବୀ ଲଜ୍ଜାଗୌରୀଙ୍କ ସହ ସାମଞ୍ଜସ୍ୟ ଥିବା କୁହାଯାଏ । ବୈଦିକ ଶାସ୍ତ୍ରଗୁଡ଼ିକରେ ବିଶେଷକରି ସୋମରସ ପ୍ରସ୍ତୁତି ଏବଂ ଦେବାତାଙ୍କୁ ଅର୍ପଣ ଉଦ୍ଦେଶ୍ୟରେ ପାଳିତ ପର୍ବପର୍ବାଣିର ସ୍ତୋତ୍ରଗୁଡ଼ିକ ବର୍ଣ୍ଣନା କରାଯାଇଛି । ଋଗ୍ ବେଦର ୫୦% ରୁ ଉର୍ଦ୍ଧ୍ୱ ସ୍ତୋତ୍ରରେ ୩ଟି ବିଷୟ ମୁଖ୍ୟତଃ ସୋମ, ଇନ୍ଦ୍ର ଓ ଅଗ୍ନି ବିଷୟ ବର୍ଣ୍ଣନା କରାଯାଇଛି । ଋଗ୍ ବେଦର ୧୦ଟି ଅଧ୍ୟାୟ ମଧ୍ୟରୁ ସମ୍ପୂର୍ଣ୍ଣ ୯ମ ଅଧ୍ୟାୟରେ ଗଛରୁ ସୋମ ରସ ସଂଗ୍ରହ ଓ ତାହାକୁ ଶୁଦ୍ଧ କରିବା ବିଷୟ ବର୍ଣ୍ଣନା କରାଯାଇଛି । ବୈଦିକ ଲୋକମାନେ ପୁରୋହିତ ଥିବାରୁ ସେମାନେ ଦୂବ ଘାସକୁ ଆଦର କରୁଥିଲେ । ଏହାକୁ ଗୋ ଖାଦ୍ୟ ଭାବେ ବ୍ୟବହାର ହେଉଥିଲା । ସେତେବେଳେ ଦେବତା ଏବଂ ପୂର୍ବପୁରୁଷମାନଙ୍କୁ ପ୍ରଥମେ ବାଲି ପିଠା ଦିଆଯାଉଥିଲା । ଧାନରୁ ଚାଉଳ ମିଳିବା ପରେ ଚାଉଳ ପିଠା ଦିଆଗଲା । ଅଥର୍ବ ବେଦରେ ଘାସ, ବାଲି ଓ ଧାନ ବିଷୟରେ ବର୍ଣ୍ଣନା କରାଯାଇଛି । ସନ୍ୟାସୀ ପରମ୍ପରାରେ ଗଛଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଏକ ପବିତ୍ର ଗଛ ସହିତ ଜଡ଼ିତ । ମହାବୀରଙ୍କର ଶାଳଗଛ, ଋଷଭନାଥଙ୍କର ବରଗଛ ସହିତ ସମ୍ପର୍କ ଥିବାବେଳେ ଭୀମନାଥ ଜାମୁ ଗଛସହ ସମ୍ବନ୍ଧିତ । ଏହା ସହ ଆମ୍ବ ଗଛ ସହିତ ଅରନାଥ, ଅଶୋକ ଗଛ ସହିତ ମଲ୍ଲିନାଥ, କୋକୁମ ଗଛ ସହିତ ନେମିନାଥ ଜଡ଼ିତ ଥିବା କୁହାଯାଏ । ଏହି ତାଲିକା ବିଭିନ୍ନ ପରମ୍ପରାରେ ଭିନ୍ନ ହେଲେ ମଧ ଅତି କମରେ ଗୋଟିଏ ଉଦ୍ଭିଦ ମହାନ୍ ଜୈନ ଗୁରୁଙ୍କ ଆତ୍ମାକୁ ଧାରଣ କରିଥାଏ ବୋଲି ସମସ୍ତେ ଗ୍ରହଣ କରିଥାନ୍ତି । ବୁଦ୍ଧ ମଧ ଏଥିରୁ ବାଦ୍ ପଡ଼ିନାହାନ୍ତି । ବୁଦ୍ଧଙ୍କ ମା' ତାଙ୍କୁ ଲୁମ୍ବିନୀରେ ଜନ୍ମ ଦେବା ସମୟରେ ଏକ ଶାଳ ଡାଳକୁ ଜାବୋଡ଼ି ଧରିଥିଲେ । ଏହା ମଧ ସତ୍ୟ ଯେ, ବୁଦ୍ଧ ଦୁଇଟି ଶାଳଗଛ ମଧ୍ୟରେ ଦେହତ୍ୟାଗ କରିଥିଲେ । ବୁଦ୍ଧ ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ପ୍ରାପ୍ତି ହୋଇଥିଲେ । ଜ୍ଞାନପ୍ରାପ୍ତି ପରେ ସେ ବାଉଁଶ ବଣରେ ଦିବ୍ୟପ୍ରବଚନ ପ୍ରଦାନ କରିଥିଲେ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**


## ଆଜିର ଚିନ୍ତନ

**ଈ**ଶ୍ୱରଙ୍କୁ ଯଦି ହୃଦୟରୁ ସ୍ମରଣ କରାଯାଏ, ତେବେ ସେ ଯେଉଁଠି ଥାଆନ୍ତୁ ନା କାହିଁକି ଭକ୍ତର କଥା ସେ ଅବଶ୍ୟ ଶୁଣନ୍ତି । ଭକ୍ତର ସୁଖରେ ଦୁଃଖରେ ସେ ଅବଶ୍ୟ ସାମିଲ ହୁଅନ୍ତି । କେରଳର ସୁପ୍ରସିଦ୍ଧ ସନ୍ଥ କବି ଗୋପାଳମ୍ ଭଗବାନ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ ଥିଲେ । ସେ ନିଜର ଅଧିକାଂଶ ସମୟ କୃଷ୍ଣଙ୍କ ପୂଜାପାଠରେ ଅତିବାହିତ କରୁଥିଲେ । ଏଥିପାଇଁ ଲୋକେ ତାଙ୍କୁ ପରିହାସ କରୁଥିଲେ । ଦିନେ କୃଷ୍ଣଙ୍କ ଜନ୍ମ ତିଥିରେ ସେ ନିଜର କିଛି ବନ୍ଧୁଙ୍କୁ ପ୍ରସାଦ ସେବନ ପାଇଁ ନିମନ୍ତ୍ରଣ ଦେଲେ । ଯେତେବେଳେ ସବୁ ବନ୍ଧୁ ଆସିଲେ, ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁ ଉପହାସ କରି କହିଲା, ଆମେ ସବୁ ତ ଆସିଲୁ ହେଲେ ତମର ପ୍ରିୟ ସଖା ଶ୍ରୀକୃଷ୍ଣ କୁଆଡେ ଗଲେ ? ଆମେ ତାଙ୍କୁ ଦେଖିବାକୁ ଚାହୁଁଛୁ ? ସେ ଭୋଜନ କରି ସାରିଲେ ଆମେ ଭୋଜନ କରିବୁ । ବିଚରା ଗୋପାଳମ ଜାଣିଥିଲେ ଯେ ମିତ୍ରମାନେ ଜାଣିଶୁଣି ତାଙ୍କୁ ଚୁଗୁଲି କରୁଛନ୍ତି । ହେଲେ ଗୋପାଳମ ଭକ୍ତିର ସହ ନିବେଦନ କଲେ, ପ୍ରଭୁ ମୁଁ ଏକ ବିରାଟ ସଙ୍କଟରେ ପଡ଼ିଛି ଏବଂ ଆପଣ ହିଁ ଏଥିରୁ ରକ୍ଷା କରି ପାରିବେ । ହଠାତ୍ ସେହି ବନ୍ଧୁ ମାନଙ୍କୁ ଦୂରରୁ ଶଙ୍ଖଧ୍ୱନୀ ଶୁଣାଗଲା । ପୁଣି କିଛି କ୍ଷଣ ମଧ୍ୟରେ ସେ ଶଙ୍ଖ ଧ୍ୱନୀ କେଉଁ ଆଡ଼େ ଲୁପ୍ତ ହୋଇଗଲା ! ସେ ଜାଣି ସାରିଥିଲେ ଯେ, ସେ ଆଉ କେହି ନୁହନ୍ତି, ପ୍ରଭୁ ଶ୍ରୀକୃଷ୍ଣ ହିଁ ତାଙ୍କ ଘରକୁ ଆସିଛନ୍ତି ଓ ତାଙ୍କ ସେହି ମନ ମୋହକ ରୂପ ଦେଖୁ ଗୋପାଳମ ନିଜର ସତ୍ତା ହରାଇ ବାକୁ ଲାଗିଲେ । ବନ୍ଧୁମାନେ ଜାଣିପାରିଲେ ଯେ ପ୍ରଭୁ ଶ୍ରୀକୃଷ୍ଣ ଏଠାରେ ବିରାଜମାନ କରିଛନ୍ତି । ସେମାନଙ୍କ କିନ୍ତୁ ଦର୍ଶନ ନ ହେବାରୁ ଦୁଃଖିତ ହେଲେ । ସେମାନେ ସମସ୍ତେ ଗୋପାଳମର ଭକ୍ତି ନିଷ୍ଠା ଦେଖି କ୍ଷମା ମାଗିବାକୁ ବାଧହେଲେ । କିନ୍ତୁ ସେତେବେଳେ ସେ ଇଷ୍ଟଙ୍କ ଭଜନ କୀର୍ତ୍ତନ ରେ ମଗ୍ନ ଥିଲେ । ଭଜନ ସରିଲା ପରେ ବନ୍ଧୁ ମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା କରିଲେ ଏବଂ ନିଜ ଇଷ୍ଟ ପାଇଁ ନିଜ ପୂଜା ଗୃହରେ ଏକ ଥାଳିରେ ପ୍ରସ୍ତୁତ ବ୍ୟଞ୍ଜନ ଲଗାଇ ଆସିଲେ । ଭୋଜନ ଶେଷରେ ମିତ୍ରମାନେ ଦେଖିଲେ, ପୂଜା ଗୃହରେ ଅର୍ପଣ କରାଯାଇଥିବା ଥାଳିରେ ଗୋଟିଏ ଦାନା ମଧ ନାହିଁ । ଏହା ଦେଖି ସେମାନଙ୍କ ବିଶ୍ୱାସ ହେଇ ସାରିଥିଲା ଯେ, ଭଗବାନ ଶ୍ରୀକୃଷ୍ଣ ନିରାକାର ରୂପରେ ଭକ୍ତକୁ ଦେଖା ଦେଇଛନ୍ତି । ଏତାଦୃଶ ଦେଖୁ ସେମାନେ ଥଟ୍ଟା ପରିହାସ କରିବା ଛାଡ଼ି ଭଗବାନ ଶ୍ରୀ କୃଷ୍ଣଙ୍କ ଭକ୍ତ ପାଲଟିଗଲେ ।

ବର୍ଷ ୨୮, ସଂଖ୍ୟା - ୨୯, ୨୧ - ୨୭ ଜୁଲାଇ ୨୦୨୪

## କ୍ଷତିଗ୍ରସ୍ତ ଜମା ଟଙ୍କା ଫେରି ପାଇବେ କେବେ ?

ଚିଟ୍‌ଫଣ୍ଡ ଦୁର୍ନୀତିରେ ସିବିଆଇ ତଦନ୍ତକୁ ୧୦ ବର୍ଷ ପୂରିବାକୁ ବସିଛି । ଠକେଇ ଘଟଣାକୁ ୧୨ ବର୍ଷ ବିତିଯାଇଛି । କେବଳ ରାଜ୍ୟ ନୁହେଁ ପୂରା ଦେଶରେ କାୟା ମେଲାଇଥିଲା ଏକାଧିକ ଚିଟଫଣ୍ଡ ସଂସ୍ଥା । ଅଧିକ ଲାଭ ଦେବା ପ୍ରଲୋଭନ ଦେଖାଇ ଲକ୍ଷ ଲକ୍ଷ ଲୋକଙ୍କ ଠାରୁ ଚିଟ୍‌ଫଣ୍ଡ ସଂସ୍ଥା ଠକି ନେଇଛି ହଜାର ହଜାର କୋଟି ଟଙ୍କା । ଓଡ଼ିଶା ପୁଲିସ ସହ କ୍ରାଇମବ୍ରାଞ୍ଚ ବି କିଛି କମ୍ପାନୀର ତଦନ୍ତ କରୁଛି । ଏହାପରେ କେତେକ ସଂସ୍ଥାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ ଖୋଳତାଡ଼ କରୁଛି । ତଦନ୍ତକାରୀ ସଂସ୍ଥା ଚିଟଫଣ୍ଡ ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିଛନ୍ତି । ଜମା ଟଙ୍କା ଫେରି ପାଇବା ପାଇଁ ପ୍ରାୟ ୧୭ ଲକ୍ଷ ଜମାକାରୀ ଚାହିଁ ବସିଛନ୍ତି । ହାତଗଣତି ସ୍ୱଳ୍ପ ନିବେଶକାରୀମାନେ (ଯାହାକି ୧୦ ହଜାର ଟଙ୍କାରୁ କମ୍) ଜମା ଅର୍ଥ ଫେରି ପାଇଛନ୍ତି । ଜବତ ସମ୍ପତ୍ତି ଶାଗମାଛ ଦରରେ ବିକ୍ରି କରାଯାଉଥିବା ନଜରକୁ ଆସିଛି । ଯାହାଫଳରେ ଜମା ଅର୍ଥ ଫେରି ପାଇବା କ୍ଷତିଗ୍ରସ୍ତଙ୍କ ପାଇଁ ସ୍ୱପ୍ନ ହେବାକୁ ବସିଛି । ଅନ୍ୟପଟେ ଚିଟ୍‌ଫଣ୍ଡ ସଂସ୍ଥାର ଗିରଫ ଅଭିଯୁକ୍ତମାନେ ଆଇନ ଅନୁସାରେ ଯେଉଁ ଦଫା ସେମାନଙ୍କ ବିରୋଧରେ ଲାଗିଛି, ସେହି ଅନୁସାରେ ଦଣ୍ଡବିଧାନ ଠାରୁ ଅଧିକ ଦିନ ହେବ ସେମାନେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଛନ୍ତି । ଜମାକାରୀମାନେ କେବଳ କ୍ଷତି ସହିବା ଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ୨୦୧୩ରେ ଚିଟଫଣ୍ଡ ଠକେଇ ସାମ୍ନାକୁ ଆସିଥିଲା । ପ୍ରଥମେ ଓଡ଼ିଶା ପୁଲିସ କେତେକ ସଂସ୍ଥା ବିରୋଧରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପରେ ଚିଟ୍‌ଫଣ୍ଡ ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିଥିଲା । ସିବିଆଇ ତଦନ୍ତ ପରେ କ୍ଷତିଗ୍ରସ୍ତ ଜମାକାରୀମାନେ ଟଙ୍କା ଫେରସ୍ତ ପାଇବେ ବୋଲି ଆଶା ସଞ୍ଚାର ହୋଇଥିଲା । ଏହି ତଦନ୍ତ ଏବେବି ଗଡ଼ି ଚାଲିଛି । ଜମାକାରୀ ଅର୍ଥ ଫେରସ୍ତ ଓ ନ୍ୟାୟ ଅପେକ୍ଷାରେ ରହିଛନ୍ତି । ସରକାରୀ ହିସାବରେ ୫୮୫ ଚିଟ୍‌ଫଣ୍ଡ ସଂସ୍ଥା ରହିଥିବା ବେଳେ ୫୧୬୫ କମ୍ପାନୀର ଠିକଣା ମିଳିଛି । ବେସରକାରୀ ହିସାବରେ ପ୍ରାୟ ୧୧୦୦ ଚିଟ୍‌ଫଣ୍ଡ ସଂସ୍ଥା ଦେଶରେ କାର୍ଯ୍ୟ କରୁଥିଲା । ସେହିପରି ସରକାରୀ ହିସାବରେ ୧୬ରୁ ୧୭ ଲକ୍ଷ ଲୋକ ଠକାମିର ଶିକାର ହୋଇଥିବା ବେଳେ ବେସରକାରୀ ହିସାବରେ ଏହା ୬୦ରୁ ୭୦ ଲକ୍ଷ ହେବ ବୋଲି ଜଣାପଡ଼ିଛି । ଠକେଇ ପରିମାଣ ୩୦ ହଜାର କୋଟିରୁ ଅଧିକ । ଏହାର ସଠିକ ହିସାବ ଏପର୍ଯ୍ୟନ୍ତ କାହା ପାଖରେ ନଥିବା ଜଣାପଡ଼ିଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସିବିଆଇ ବଡ଼ ଚିଟଫଣ୍ଡ ସଂସ୍ଥା ସିସୋର, ଅର୍ଥତତ୍ତ୍ୱ (ଏଟି), ରୋଜଭାଲି, ଗୋଲଡେନ ଲ୍ୟାଣ୍ଡ ଓ ସାରଦା ଭଳି ୪୪ଟି କମ୍ପାନୀର ତଦନ୍ତ ଆରମ୍ଭ କରିଥିଲା । ଏଥିରେ ପରିଚାଳକଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ସେମାନଙ୍କ ମଧ୍ୟରୁ କେତେକ ଜାମିନ ପାଇଥିବାବେଳେ ଆଉ କେତେଜଣ ଏବେସୁଦ୍ଧା ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି । ସିବିଆଇ ଏକାଧିକ ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଜବତ କରିବାରେ ସକ୍ଷମ ହୋଇଥିଲା । ଜବତ ସମ୍ପତ୍ତି ଗୁଡ଼ିକ ଅଧିକାଂଶ ଓଡ଼ିଶାରେ ରହିଛି । ଏହି ସମ୍ପତ୍ତିକୁ ବିକ୍ରି କରାଗଲେ ହୁଏତ କ୍ଷତିଗ୍ରସ୍ତମାନେ ସେମାନଙ୍କ ଜମା ଅର୍ଥ ପାଇବା ପରେ ବି ଟଙ୍କା ବଳକା ରହିପାରେ । ହେଲେ ଏହାମଧ୍ୟରେ କେତେକ ସଂସ୍ଥାର ଜବତ ସମ୍ପତ୍ତିକୁ ଶାଗମାଛ ଦରରେ ବିକ୍ରି କରାଯାଇଥିବା ଅଭିଯୋଗ ଆସିଛି । ଜବତ ସମ୍ପତ୍ତିକୁ ବଜାର ମୂଲ୍ୟରେ ବିକ୍ରି କରିବା ପାଇଁ ବିଜ୍ଞାପନ ଦିଆଯିବାର ଆବଶ୍ୟକତା ରହିଛି । ଅନ୍ୟପଟେ ଅଧିକାଂଶ ମାମଲାରେ ତଦନ୍ତକାରୀ ଠକ ସଂସ୍ଥା ବିରୋଧରେ ତଥ୍ୟ ପ୍ରମାଣ ଦାଖଲ କରିବାରେ ବିଳମ୍ବ ହେବା ଦେଖାଦେଇଛି । ଯାହାଫଳରେ ମାମଲାର ବିଚାର ପ୍ରକ୍ରିୟାରେ ବିଳମ୍ବ ହେବା ସହିତ କ୍ଷତିଗ୍ରସ୍ତମାନେ ଜମାଟଙ୍କା ଫେରିପାଇବା ଅନିଶ୍ଚିତତା ମଧ୍ୟରେ ରହିଛି । ତଥ୍ୟ ଅନୁସାରେ, ଓପିଆଇଡ଼ି ଆଇନ ଅନୁଯାୟୀ ଜମାକାରୀଙ୍କ ଟଙ୍କା ଫେରସ୍ତ କରାଯାଉଛି । ଇତିମଧ୍ୟରେ ୨୧୦ ଲକ୍ଷ ଜମାକାରୀଙ୍କୁ ୮୩.୪୬ କୋଟି ଟଙ୍କା ପ୍ରଦାନ କରାଗଲାଣି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ସେହିଭଳି ଇଡି ୭ଟି ସଂସ୍ଥାର ତଦନ୍ତ ପିଏମ୍ ଏଲ୍ ଏ ଆଇନ, ୨୦୦୨ ଆଧାରରେ କରୁଛି । କେବଳ ରୋଜଭାଲିରେ ୨ ଲକ୍ଷ ଲୋକ ଠକାମିର ଶିକାର ହୋଇଛନ୍ତି । ସିବିଆଇ ଉକ୍ତ ସଂସ୍ଥାର ଦୁଇଟି ଆକାଉଣ୍ଟରୁ ୧୯୬ କୋଟି ଜବତ କରିଥିଲା । ଏହାବାଦ୍ ଏକର ଏକର ଜମି ମଧ ଜବତ କରିବାରେ ସକ୍ଷମ ହୋଇଥିଲା । ରୋଜଭାଲି ବିରୋଧରେ ୪୫୦ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଥିବା ବେଳେ ତା'ର ଜବତ ହୋଇଥିବା ସମ୍ପତ୍ତିର ମୂଲ୍ୟ ୨ ହଜାର କୋଟିରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି । ତାହା ମଧ୍ୟରୁ ମାତ୍ର ୬୨ ଲକ୍ଷ ଟଙ୍କା ସ୍ୱଚ୍ଛ ଜମାକାରୀଙ୍କୁ ଫେରସ୍ତ କରାଯାଇଥିବା ସୂଚନା ରହିଛି । ଅବଶିଷ୍ଟ ଟଙ୍କା ସରକାରୀ ସ୍ତରରେ ରହିଛି । ଅନ୍ୟପଟେ ଜବତ ସମ୍ପତ୍ତିକୁ ବିକ୍ରି କରାଯାଉନଥିବା ବେଳେ ଜମାକାରୀମାନେ ତାଙ୍କ ଟଙ୍କା ଫେରସ୍ତ ପାଇବାରୁ ବଞ୍ଚିତ ଅଛନ୍ତି । ସେହିପରି ଗୋଲଡେନ୍ ଲ୍ୟାଣ୍ଡରେ ମଧ କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଛି । ଜବତ ସମ୍ପତ୍ତିଗୁଡ଼ିକୁ ବିକ୍ରି କରାଗଲେ, ଜମାକାରୀମାନେ ତାଙ୍କ ନିବେଶ ଟଙ୍କା ଫେରି ପାଇବା ନିଶ୍ଚିନ୍ତ ହେବ । ସିସୋର ଠକେଇର ଜମାକାରୀଙ୍କୁ ସେମାନଙ୍କ ମୂଳ ଜମା ସାର୍ଟିଫିକେଟ ଦାଖଲ କରିବାକୁ କୁହାଯାଇଥିଲା ଓ ଜମାବେଳେ ପ୍ରାପ୍ତି ସ୍ୱୀକାର ମଧ ଦିଆଯାଇନଥିଲା । ଏବେ ସେସବୁ କେଉଁଠି ଅଛି ଓ ଜମାକାରୀ କିପରି ତାହା ଦାଖଲ କରିବେ ଏହା ମଧ ବଡ଼ ପ୍ରଶ୍ନ ।



## ହିଂସାରେ କୌଣସି ବିଶ୍ୱାସ ନାହିଁ

### ମହାତ୍ମା ଗାନ୍ଧୀ

ମୁଁ ଅତ୍ୟନ୍ତ ଅଟଳ ଭାବରେ ବିଶ୍ୱାସ କରିଥାଏ ଯେ, ଯେଉଁ ଲକ୍ଷ୍ୟର ସାଧନରେ ହିଂସାର ଯେତିକି ସମର୍ଥନ ରହିଛି, ସେହି ଲକ୍ଷଟିର ତଦ୍ୱାରା ସେତିକି କ୍ଷତି ହୁଏ । ଅନ୍ୟ ପ୍ରକାରର ଯେତେ ଯାହା ପ୍ରତୀତ ହେଉଥିଲେ ମଧ ମୁଁ ତଥାପି ଏହିପରି କହିବି । ମୋତେ ବାଧା ଦେଉଥିବା ଜଣେ ବ୍ୟକ୍ତିକୁ ମୁଁ ଯଦି ହତ୍ୟା କରେ, ତଦ୍ୱାରା ମୋ' ମନରେ ଏକ ମିଛ ନିରାପତ୍ତାର ବୋଧ ହୁଏତ ଆସିପାରେ । ମାତ୍ର ସେହି ବୋଧ ଅତ୍ୟନ୍ତ କ୍ଷଣସ୍ଥାୟୀ ହୋଇ ରହିବ । କାରଣ, ମୁଁ ଅସଲ କାରଣଟି ବିଷୟରେ ଏପର୍ଯ୍ୟନ୍ତ ଆଦୌ କିଛି କରି ନଥିବି ଓ କ୍ରମେ, ସେହି ପ୍ରକ୍ରିୟାରେ, ମୋତେ ବାଧା ଦେବାକୁ ଅନ୍ୟ ବ୍ୟକ୍ତିମାନେ ମଧ ଅବଶ୍ୟ ବାହାରିବେ । ତେଣୁ, ଯେଉଁ ବ୍ୟକ୍ତି ବା ବ୍ୟକ୍ତିମାନେ ମୋତେ ବାଧା ଦେଉଛନ୍ତି, ସେମାନଙ୍କୁ ହତ୍ୟା କରିବା ମୋ'ର କାର୍ଯ୍ୟ ନୁହେଁ ମାତ୍ର ଯେଉଁ କାରଣଟି ସେମାନଙ୍କୁ ମୋତେ ବାଧା ଦେବାକୁ ବାଧ୍ୟ କରୁଛି, ସେହି କାରଣଟିର ଆବିଷ୍କାର କରିବା ଓ ତାହାର ସମ୍ମୁଖୀନ ହେବା ହେଉଛି ଅସଲ କାର୍ଯ୍ୟ ।

ମୁଁ ସଶସ୍ତ୍ର ବିଦ୍ରୋହଗୁଡ଼ିକରେ ବିଶ୍ୱାସ କରେନାହିଁ । ସେଗୁଡ଼ିକ ଯେଉଁ ରୋଗଟିକୁ ଭଲ କରିବେ ବୋଲି ଭାବୁଥାନ୍ତି, ସ୍ୱୟଂ ତାହାଠାରୁ ଅଧିକ ଅନିଷ୍ଟକାରୀ ସାବ୍ୟସ୍ତ ହୁଅନ୍ତି । ସେମାନେ ପ୍ରତିଶୋଧ, ଧୈର୍ଯ୍ୟହୀନତା ଓ କ୍ରୋଧଭାବର ପ୍ରତୀକ ହୋଇ ରହିଥାନ୍ତି । ହିଂସାର ଉପାୟଟି ଦୀର୍ଘ ପରିଣାମିତା ଦୃଷ୍ଟିରୁ ବିଚାର କରି ଦେଖିଲେ ଆଦୌ କୌଣସି ଉପକାର କରେନାହିଁ ।

ଜଣେ ବିପ୍ଳବୀର ବୀରତ୍ୱ ଏବଂ ତ୍ୟାଗକୁ ମୁଁ ଅସ୍ୱୀକାର କରୁନାହିଁ । ମାତ୍ର, ଏକ ମନ୍ଦ ଲକ୍ଷ୍ୟର ସାଧନ ପାଇଁ ନିୟୋଜିତ ବୀରତ୍ୱ ଏବଂ ତ୍ୟାଗ କେବଳ ଚମତ୍କାର ଶକ୍ତିକୁ ବରବାଦ ହିଁ କରିଥାଏ । ଏକ ମନ୍ଦ ଲକ୍ଷ୍ୟର ସାଧନ ପାଇଁ ଅପବ୍ୟବହୃତ ବୀରତ୍ୱ ଓ ତ୍ୟାଗର ମୋହ ଦ୍ୱାରା ଉତ୍ତମ ଲକ୍ଷ୍ୟଟିରୁ ଦୃଷ୍ଟିକୁ ବିଚ୍ୟୁତ କରିନେଇ ସେ ସେହି ଉତ୍ତମ ଲକ୍ଷ୍ୟଟିର କ୍ଷତି ହିଁ କରିଥାଏ । ଜଣେ ବୀରତ୍ୱପୂର୍ଣ୍ଣ ଏବଂ ଆତ୍ମତ୍ୟାଗୀ ବିପ୍ଳବୀ ସମ୍ମୁଖରେ ସିଧା ହୋଇ ଛିଡ଼ା ହେବାକୁ ମୁଁ ମୋଟେ ଲଜ୍ଜାବୋଧ କରିବି ନାହିଁ, କାରଣ, ମୁଁ ସମାନ ପରିମାଣରେ, ଅହିଂସ ବ୍ୟକ୍ତିମାନଙ୍କର ନିର୍ଘୋଷ ବ୍ୟକ୍ତିମାନଙ୍କର ରକ୍ତରେ କଳୁଷିତ ହୋଇ ନଥିବା ବୀରତ୍ୱ ଏବଂ ତ୍ୟାଗର ଏକ ସମାନ୍ତର ଉପସ୍ଥାପନା କରିଦେଇ ପାରିବି । ଜଣେ ନିର୍ଦ୍ଦୋଷ ବ୍ୟକ୍ତିର ଆତ୍ମଗତ୍ୟାଗ ଅନ୍ୟମାନଙ୍କୁ ହତ୍ୟା କରୁଥିବା ସମୟରେ ମୃତ୍ୟୁବରଣ କରୁଥିବା ଗୋଟିଏ ନିୟୁତ ଲୋକଙ୍କର ତ୍ୟାଗ ଅପେକ୍ଷା ନିୟୁତ ଗୁଣରେ ଅଧିକ ଶକ୍ତିଶାଳୀ ହେବ । ଜଣେ ନିର୍ଦ୍ଦୋଷ ବ୍ୟକ୍ତି ଯେତେବେଳେ ସ୍ୱେଚ୍ଛାପ୍ରଣୋଦିତ ଭାବରେ ଆତ୍ମୋତ୍ସର୍ଗ କରିଥାଏ, ସେତେବେଳେ ତାହା ଭଗବାନ ଅଥବା ମନୁଷ୍ୟ ଏପର୍ଯ୍ୟନ୍ତ କଳ୍ପନା କରିଥିବା ଅତ୍ୟନ୍ତ ଉଦ୍ଧତ ଉପୀଡ଼ନର ସମ୍ମୁଖରେ ସବୁଠାରୁ ଅଧିକ ଶକ୍ତିଶାଳୀ ପ୍ରତ୍ୟୁତ୍ତରରୂପେ କାର୍ଯ୍ୟ କରିଥାଏ ।

ସ୍ୱରାଜ୍ୟର ପଥରେ ରହିଥିବା ତିନୋଟି ବୃହତ୍ ପ୍ରତିବନ୍ଧକ ଆଡ଼କୁ ମୁଁ ବିପ୍ଳବୀମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି । ସେଗୁଡ଼ିକ ହେଲା ଏପର୍ଯ୍ୟନ୍ତ ଚରଖାର ବ୍ୟବହାର ସମ୍ପୂର୍ଣ୍ଣ ଭାବରେ ପ୍ରସାର ଲାଭ କରିନାହିଁ, ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ କଳହ ରହିଛି ଏବଂ ତଳେ ଦାବି ରଖା ଯାଇଥିବା ଶ୍ରେଣୀଗୁଡ଼ିକ ଉପରେ ଅମାନୁଷିକ ପ୍ରତିବନ୍ଧକମାନ ରହିଛି । ଅନେକ ଧୈର୍ଯ୍ୟ ଆବଶ୍ୟକ କରୁଥିବା ଏହି ରଚନାତ୍ମକ କାର୍ଯ୍ୟରେ ସେମାନେ ମଧ ଧୈର୍ଯ୍ୟର ସହିତ ନିଜର ଉଚିତ ଅଂଶଟିକୁ ଗ୍ରହଣ କରନ୍ତୁ ବୋଲି ସେମାନଙ୍କୁ ମୁଁ ଅନୁରୋଧ କରୁଛି । ବାହାରୁ ଦେଖିବାକୁ ଏହି କାର୍ଯ୍ୟ ହୁଏତ ସେପରି ଆଖିଦୃଶିଆ ନହୋଇପାରେ । ମାତ୍ର, ଠିକ୍ ସେହି କାରଣରୁ ହିଁ ଏଥିଲାଗି ସକଳ ବୀରୋଚିତ ଧୈର୍ଯ୍ୟ, ନୀରବ ତଥା ଅବିଚଳିତ ଉଦ୍ୟମ ଏବଂ ଆତ୍ମବିଲୋପନର ଏପରି ଆବଶ୍ୟକତା ରହିଛି, ଯାହାର ପୂରଣ କରିବାକୁ କେବଳ ଶ୍ରେଷ୍ଠତମ ବିପ୍ଳବୀମାନେ ହିଁ ସମର୍ଥ ହେବେ । ଧୈର୍ଯ୍ୟହୀନ ହେଲେ ବିପ୍ଳବୀର ଦୃଷ୍ଟି ଝାପସା ହୋଇଯିବ ଏବଂ ତାହାକୁ ଯଥାର୍ଥ ମାର୍ଗରୁ ବିଚ୍ୟୁତ କରିନେବ ।

ଏକ ମିଛ ପ୍ରତିଷ୍ଠାବୋଧ ସହିତ ଫାଶୀଖୁଣ୍ଟ ଉପରେ ଘଟୁଥିବା ମୃତ୍ୟୁ ଅପେକ୍ଷା ଉପବାସୀ ଜନଗଣଙ୍କ ମଧ୍ୟରେ ଧୀର ଏବଂ ଅତ୍ୟନ୍ତ ଗୌରବହୀନଭାବରେ ବରଣ କରି ନିଆ ଯାଉଥିବା ଉପବାସକୁ ପ୍ରତ୍ୟେକ କ୍ଷେତ୍ରରେ ଅଧିକ ବୀରୋଚିତ ବୋଲି କୁହାଯିବ ।

ମୋ' ନିଜ ଲୋକମାନଙ୍କର କଷ୍ଟଭୋଗକୁ ବନ୍ଦ କରିବା ଅପେକ୍ଷା ମନୁଷ୍ୟର ପ୍ରକୃତିରେ ରହିଥିବା ନୃଶଂସତାର ନିବାରଣ ଲାଗି ମୁଁ ଅଧିକ ଚିନ୍ତା କରୁଛି ।... ମୁଁ ଜାଣିଛି ଯେ, ଯେଉଁ ବ୍ୟକ୍ତିମାନେ ସ୍ୱେଚ୍ଛାପ୍ରବୃତ୍ତ ହୋଇ କଷ୍ଟଗୁଡ଼ିକୁ ଭୋଗ କରନ୍ତି । ସେମାନେ ତଦ୍ଦ୍ୱାରା ନିଜକୁ ତଥା ସମସ୍ତ ମାନବଜାତିକୁ ଉତ୍ତୋଳିତ କରି ନିଅନ୍ତି । ମାତ୍ର, ମୁଁ ଏକଥା ମଧ ଜାଣିଛି ଯେ, ଆପଣାର ବିରୋଧୀମାନଙ୍କ ଉପରେ ବିଜୟ ହାସଲ କରିବାକୁ ପ୍ରାଣାନ୍ତ ଉଦ୍ୟମ କରି ଯେଉଁମାନେ ନିଜକୁ କଷ୍ଟ ଦେଉଥାନ୍ତି କିମ୍ବା ନିଜଠାରୁ ଦୁର୍ବଳ ଜାତି ଅଥବା ବ୍ୟକ୍ତିମାନଙ୍କର ଶୋଷଣ କରୁଥାନ୍ତି, ସେମାନେ କେବଳ ନିଜକୁ ଯେ ତଳକୁ ଖସାଇ ନିଅନ୍ତି ତାହା ନୁହେଁ, ସେମାନେ ମନୁଷ୍ୟଜାତିକୁ ମଧ ତଳକୁ ନେଇଯାନ୍ତି ।

ଫାଶୀଖୁଣ୍ଟ ଉପରେ ପ୍ରାଣ ଦେବାରେ କୌଣସି ଅବଶ୍ୟମ୍ଭାବୀ ଆକର୍ଷଣ ନାହିଁ, ମେଲେରିଆ - ଉପୀଡ଼ିତ ଅଞ୍ଚଳରେ ନୀରସ ଏବଂ କଠିନ ଶ୍ରମର ଜୀବନ ଅପେକ୍ଷା ଅନେକ ସମୟରେ ଏହି ମୃତ୍ୟୁ ଅଧିକ ସହଜ ହୋଇଥାଏ ।... ମୁଁ ମୋ'ର ବିପ୍ଳବୀ ବନ୍ଧୁଙ୍କୁ ଏହି ନିବେଦନଟି କରିବି ଯେ, ଯେତେବେଳେ ମୃତ୍ୟୁବରଣ କରୁଥିବା ବ୍ୟକ୍ତି ଏକ 'କଳୁଷହୀନ ମେଷଶାବକ' ହୋଇଥାଏ, କେବଳ ସେତିକିବେଳେ ଯାଇ ଫାଶୀଖୁଣ୍ଟରେ ମୃତ୍ୟୁ ଦ୍ୱାରା ଦେଶର କୌଣସି ଉଦ୍ଦେଶ୍ୟ ସିଦ୍ଧ ହୁଏ ।

ମୁଁ ଇଉରୋପୀୟ ମାତ୍ରେ ସକଳ ବସ୍ତୁକୁ କଦାପି ମନ୍ଦ ବୋଲି କହେ ନାହିଁ । ମାତ୍ର, ଏପରିକି ଏକ ଭଲ ଉଦ୍ଦେଶ୍ୟର ସାଧନ ଲାଗି କରା ଯାଉଥିବା ସକଳ ଗୁପ୍ତ ହତ୍ୟା ଏବଂ ଆଶ୍ରୟ ନିଆ ଯାଉଥିବା ମନ୍ଦ ପ୍ରଣାଳୀଗୁଡ଼ିକୁ ମୁଁ ସବୁ ଦେଶ ଲାଗି ଏବଂ ସକଳ କାଳ ଲାଗି ଅବଶ୍ୟ ନିନ୍ଦା କରିବି ।... ରାକ୍ଷସତୁଲ୍ୟ କୌଣସି ବ୍ୟବସ୍ଥାର ବିରୋଧରେ ହେଉଥିବା ସଶସ୍ତ୍ର ଷଡ଼ଯନ୍ତ୍ରଗୁଡ଼ିକ ମୋତେ ଶଇତାନ ସାଙ୍ଗରେ ଶଇତାନ ଲଢ଼ିବାକୁ ଯାଉଥିବା ପରି ମନେ ହୋଇଥାଏ । ମାତ୍ର, ଗୋଟିଏ ଶଇତାନ ହିଁ ମୋତେ ଏକାବେଳେକେ ଅତିରିକ୍ତ ଅନେକ ପରି ଦେଖା ଯାଆନ୍ତି ; ତେଣୁ ମୁଁ ଆଉ ତା'ର ସଂଖ୍ୟାରେ କୌଣସି ବୃଦ୍ଧି କରିବି ନାହିଁ ।

ମୁଁ ଭୀରୁତାକୁ ଘୃଣା କରେ, ତାହା ଦାର୍ଶନିକ ହୋଇଥାଉ ଅଥବା ଆଉ ଯେକୌଣସି ପ୍ରକାରର ହୋଇଥାଉ । ଏବଂ ବିପ୍ଳବାତ୍ମକ କାର୍ଯ୍ୟକଳାପ ଦ୍ୱାରା ଭୀରୁତାର ଅପସାରଣ ହୋଇ ପାରିଛି ବୋଲି ଯଦି କେହି ମୋ'ର ହୃଦ୍‌ବୋଧ କରାଇ ପାରିବ, ତେବେ, ଏକ ସିଦ୍ଧାନ୍ତ ହିସାବରେ ମୁଁ ତଥାପି ତାହାର ଯେତେ ବିରୋଧ କରୁଥିଲେ ମଧ, ମୁଁ ସେହି ପ୍ରଣାଳୀଟି ପ୍ରତି ରହିଥ ?ବା ମୋ'ର ଘୃଣାକୁ ହ୍ରାସ କରି ଆଣିବାରେ ତଦ୍ୱାରା ପ୍ରକୃତ ସାହାଯ୍ୟ ପାଇପାରିବି ।

ଯେକୌଣସି ପରିସ୍ଥିତିରେ ମଧ ମୁଁ ହତ୍ୟା, ଗୁପ୍ତ ହତ୍ୟା କିମ୍ବା ସନ୍ତ୍ରାସବାଦକୁ ଭଲ ବୋଲି ବିଚାର କରେ ନାହିଁ । ମୁଁ ଅବଶ୍ୟ ବିଶ୍ୱାସ କରେ ଯେ, ଆପଣାର ଜୀବନକୁ ବଳି ଦେଉଥିବା ଶହୀଦମାନଙ୍କର ରକ୍ତ ଦ୍ୱାରା ଅନୁସେଚିତ ହୋଇପାରିଲେ ବିଚାରମାନେ ଶୀଘ୍ର ପରିପକ୍ୱ ହୋଇଥାନ୍ତି । ମାତ୍ର, ଜଙ୍ଗଲ ଜ୍ୱର ଦ୍ୱାରା ଆକ୍ରାନ୍ତ ହୋଇ ମନ୍ଥରଭାବରେ ମରୁଥିବା ଜଣେ ବ୍ୟକ୍ତିର ଦେହରୁ ଫାଶୀଖୁଣ୍ଟ ଉପରେ ମରୁଥିବା ଆଉଜଣେ ବ୍ୟକ୍ତି ସଦୃଶ ସେହିପରି ସୁନିଶ୍ଚିତ ଭାବରେ ହିଁ ରକ୍ତସ୍ରାବ ହୋଇଥାଏ । ଫାଶୀଖୁଣ୍ଟ ଉପରେ ମୃତ୍ୟୁର ସମ୍ମୁଖୀନ ହେଉଥିବା ଜଣେ ବ୍ୟକ୍ତି ଯଦି ଆଉଜଣେ ବ୍ୟକ୍ତିର ଦେହରୁ ରକ୍ତସ୍ରାବ କରାଇଥିବାର ଦୋଷରୁ ମୁକ୍ତ ନଥାଏ, ତେବେ କହିବାକୁ ହେବ ଯେ ତାହାର କେବେହେଲେ କୌଣସି ବିଚାର କେବେ ହେଲେ ନଥିଲା, ଯାହାର କି ପରିପକ୍ୱତା ଲାଭ କରିବାର ଯୋଗ୍ୟତା ରହିଥିଲା ।

## ବୃକ୍ଷର ମାହାତ୍ମ୍ୟ... ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

କହିବାକୁ ଗଲେ ଗୌତମ ବୁଦ୍ଧଙ୍କ ପୂର୍ବରୁ ଆଉ ଜଣେ ବିପାସୀ ବୁଦ୍ଧ ଥିଲେ । ସେ ମଧ ଅଶ୍ୱତ୍ଥ ଗଛ ତଳେ ଜ୍ଞାନ ଲାଭ କରିଥିଲେ । ସେହି ଅଶ୍ୱତ୍ ଗଛର ଚାରିପାଖରେ ପାଟଳିପୁତ୍ର (ମୌର୍ଯ୍ୟ ସାମ୍ରାଜ୍ୟର ରାଜଧାନୀ) ସହର ଗଢ଼ିଉଠିଥିଲା । ଏହାକୁ ଏବେ ଆମେ ପାଟନା କହୁଛୁ, ଯାହା ବିହାରରେ ଅଛି । ପ୍ରାଚୀନ କାଳରେ ବିଭିନ୍ନ ବଂଶ ଏବଂ ରାଜ ପରିବାରର ଧର୍ମୀୟ ପ୍ରତୀକ ଥିଲା ଗଛ । ସଙ୍ଗମ କାବ୍ୟରେ ଏହି ରାଜାମାନଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ରାଜାମାନେ ଶତ୍ରୁଙ୍କୁ ଆକ୍ରମଣ କରି ସେମାନଙ୍କ ଧର୍ମୀୟ ପ୍ରତୀକ ଗଛକୁ ନଷ୍ଟ କରି ଦେଉଥିବା ଏହି କାବ୍ୟରେ ଉଲ୍ଲେଖ ରହିଛି । ଚେରା ରାଜବଂଶର ନରମୁଦି ଚେରାଲ ତାଙ୍କ ଶତ୍ରୁ ନାନା ରାଜବଂଶକୁ ହରାଇ ତାଙ୍କ ଧର୍ମୀୟ ପ୍ରତୀକ ଶିରୀଷ ଗଛକୁ କାଟି ଦେଇଥିଲେ । ନାରକାସୁରକୁ ପରାସ୍ତ କରିବାରେ ଇନ୍ଦ୍ରଙ୍କୁ କୃଷ୍ଣ ସାହାଯ୍ୟ କରିବା ସହ ସ୍ୱର୍ଗକୁ ମୁକୁଳାଇଥିଲେ । ପରେ କୃଷ୍ଣ ସ୍ୱର୍ଗରୁ ପାରିଜାତ ଗଛ ନେବାକୁ ଚାହିଁଥିଲେ । ତାଙ୍କ ସ୍ତ୍ରୀ ସତ୍ୟଭାମାଙ୍କୁ ଖୁସି କରିବା ପାଇଁ ସେ ଏହା କରିଥିଲେ । ହେଲେ ଇନ୍ଦ୍ର ପାରିଜାତ ଗଛକୁ ପୃଥିବୀକୁ ନେବାକୁ ମନା କରିଦେଇଥିଲେ । କିନ୍ତୁ କୃଷ୍ଣ ସେହି ଗଛକୁ ବଳପୂର୍ବକ ଛଡ଼ାଇ ଆଣିଥିଲେ, ଯାହା ଦେବରାଜ ଇନ୍ଦ୍ରଙ୍କ ଉପରେ କୃଷ୍ଣଙ୍କ ବିଜୟର ସଙ୍କେତ ଦିଏ । କୁହାଯାଏ ହନୁମାନ କଦଳୀ ବଣରେ, ଗଣେଶ ଆଖୁ ଜଙ୍ଗଲରେ, ଦେବୀ ନିମ ଏବଂ ତେନ୍ତୁଳି ଜଙ୍ଗଲରେ ରୁହନ୍ତି । ଦେବତାଙ୍କ ସହ ଗଛର ଏଭଳି ସମ୍ପର୍କ ରହିଥିବା ଜାଣି ବି ଆମେ ଜଙ୍ଗଲ ନଷ୍ଟ କରିବାରେ ଲାଗିଛୁ । ଏହି ଧାରା ଜାରି ରହିଲେ ତାହା ଶୀଘ୍ର ଲୋପ ପାଇଯିବ ।

# ବଥୁଆ ଶାଗର ଉପକାରିତା

**ପ୍ରା**ୟତଃ ଗାଁ ଗହଳିର ବାଡି ବଗିଚାରେ ବଥୁଆ ଶାଗ ଦେଖିବାକୁ ମିଳିଥାଏ । ଗହମ କ୍ଷେତର ହିଡରେ ମଧ ବଥୁଆ ଶାଗ ଲାଗିଥିବା ଦେଖିବାକୁ ମିଳିଥାଏ । ବଥୁଆ ଶାଗ ଭଜାରେ ସାଧାରଣ ଲୁଣ ବଦଳରେ ସୈନ୍ଧବ ଲବଣ ବ୍ୟବହାର କରି ଯଦି ଖିଆଯାଏ ତେବେ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ ।

କେଶ ଲାଗି ଉପାଦେୟ: କେଶକୁ ପ୍ରାକୃତିକ ରଙ୍ଗ ଦେବା ଲାଗି ଏହା ଅଁଳାଠାରୁ କିଛି କମ୍ ଲାଭଦାୟକ ନୁହେଁ । ପ୍ରକୃତରେ ଦେଖିବାକୁ ଗଲେ ଏଥିରେ ଭିଟାମିନ୍ ଓ ଖଣିଜ ତତ୍ତ୍ୱ ଅଧିକ ରହିଛି । ଏଥିରେ ଆଇରନ, ଫସଫରସ ଓ ଭିଟାମିନ୍ ଏ ଓ ଡି ପ୍ରଚୁର ମାତ୍ରାରେ ରହିଥାଏ ।

ମୁଖ ରୋଗ: ବଥୁଆ ପତ୍ରକୁ କଞ୍ଚା ଚୋବାଇଲେ ଏହା ପାଟି ଦୁର୍ଗନ୍ଧ, ପାଇରିଆ ଓ ଦାନ୍ତ ସମ୍ବନ୍ଧିତ ଅନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ ।

କବ୍ଜ ସମସ୍ୟା: କବ୍ଜ ସମ୍ବନ୍ଧିତ ସମସ୍ୟାରୁ ମୁକ୍ତି ପାଇବା ଲାଗି ବଥୁଆ ଖୁବ୍ ଲାଭଦାୟକ । କାରଣ ଏଥିରେ ଉତ୍ତମ ମାତ୍ରାରେ ଫାଇବର ରହିଛି, ଯାହା କବଜରୁ ମୁକ୍ତି ଦେଇଥାଏ ଓ ଗ୍ୟାସ ଆଦି ସମସ୍ୟା ପାଇଁ ମଧ ଲାଭଦାୟକ । ଭୋକ ଲାଗୁ ନଥିଲେ, ଖାଦ୍ୟ ହଜମ ହେଉ ନଥିଲେ, ଖଟା ହାକୁଟି, ପେଟ ଫୁଲିବା ଭଳି ସମସ୍ୟାକୁ ଦୂର କରିଥାଏ ।

ପିଲାଙ୍କ ପାଇଁ: ପିଲାଙ୍କୁ ନିୟମିତ କିଛି ଦିନ ପାଇଁ ବଥୁଆ ଶାଗ ଖାଇବାକୁ ଦେଲେ ସେମାନଙ୍କ କୃମି ଦୂର ହୋଇଥାଏ ।

କାମଳ ରୋଗ: ବଥୁଆ ଓ ଗିଲୋୟ ସମଭାବରେ ଅଳ୍ପ ମାତ୍ରାରେ ନେଇ ଏହି ରସକୁ ୨୦-୨୫ ଗ୍ରାମ ଦିନକୁ ୨ ଥର ସକାଳ ସନ୍ଧ୍ୟାରେ ସେବନ କରିବା ଫଳରେ କାମଳ ବା ଜଣ୍ଡିସ ଦୂର ହୋଇଥାଏ ।



ମହିଳାଙ୍କ ମାସିକ ଧର୍ମ ଯନ୍ତ୍ରଣା: ବହୁ ମହିଳାଙ୍କ ଅନିୟମିତ ପିରିୟଡ ସମସ୍ୟା ରହିଥାଏ । ଏହାକୁ ନିୟମିତ କରିବା ଲାଗି ବଥୁଆ ଶାଗର ମଞ୍ଜିକୁ ଶୁଣ୍ଠି ସହିତ ମିଶାଇ ପାଉଡର ପ୍ରସ୍ତୁତ କରନ୍ତୁ । ୪୦୦ ମିଲିଲିଟର ପାଣିରେ ୧୫-୨୦ ଗ୍ରାମ ପାଉଡର ମିଶାଇ ପାଣି ଫୁଟାଇ ୧୦୦ ଗ୍ରାମ ପାଣି ରଖନ୍ତୁ । ଏବେ ଏହାକୁ ଛାଣି ପ୍ରାୟ ୨ ଥର ସେବନ କରନ୍ତୁ । ଏହା ମହିଳାଙ୍କ ପାଇଁ ଖୁବ୍ ଉପକାର ପ୍ରମାଣିତ ହେବ ।

ପ୍ରସବ ସଂକ୍ରମଣ: ପ୍ରସୂତୀ ପିଲା ଜନ୍ମ କରି ସାରିବା ପରେ ଯଦି ପ୍ରସବ ସଂକ୍ରମଣ ସମସ୍ୟାରେ ପଡିଛନ୍ତି ତେବେ ୧୦ ଗ୍ରାମ ବଥୁଆ ଶାଗ, ଜୁଆଣି, ମେଥି ଓ ଗୁଡକୁ ମିଶାନ୍ତୁ । ଏହାକୁ ୧୦ ରୁ ୧୫ ଦିନ ଲଗାତର ସେବନ କରନ୍ତୁ । ଏଥିରେ ପ୍ରସବ ସଂକ୍ରମଣ ସମସ୍ୟାରୁ ଲାଭ ମିଳିଥାଏ ।

ୟୁରିନ୍ ଇନଫେକ୍ସନ: ମୂତ୍ର ବା ୟୁରିନ ଇନଫେକ୍ସ ସମସ୍ୟା ରହିଥିଲେ ୧୦ ଗ୍ରାମ ବଥୁଆ ପତ୍ରର ରସରେ ୫୦ ମିଲି ପାଣି ମିଶାନ୍ତୁ । ଏହି ମିଶ୍ରଣ ମିଶ୍ରି ସହିତ ମିଶାଇ ପ୍ରତିଦିନ ସେବନ କରନ୍ତୁ । ଏହାକୁ ଖାଇବା ଦ୍ୱାରା ଆପଣଙ୍କ ମୂତ୍ର ସଂକ୍ରମଣ ରୋଗରୁ ମୁକ୍ତି ମିଳିବ ।

ଆନେମିଆ: ବଥୁଆରେ ପ୍ରଚୁର ମାତ୍ରାରେ ଆଇରନ ରହିଛି । ଏଥିପାଇଁ ନିୟମିତ ରୂପରେ ଏହାକୁ ଖାଇବା ଦ୍ୱାରା ରକ୍ତ ହୀନତା ଦୂର ହୋଇଥାଏ । ଏଥି ସହିତ ବଥୁଆରେ ୫ ରୁ ୬ ଟି ନିମ୍ବ ପତ୍ର ମିଶାଇ ଖାଇବା ଦ୍ୱାରା ରକ୍ତ ଶୁଦ୍ଧ ଓ ସଫା ହୋଇଥାଏ । ବଥୁଆ ଶାଗକୁ ଗରମ କରି ଏହାର ରସ ସେବନ କରିବା ଫଳରେ ଚର୍ମରୋଗ, ଧଳା ଦାଗ, କୁଣ୍ଡାଇ ହେବା, ବ୍ରଣ, ବଥ, କୁଷ୍ଠ ରୋଗ ଆଦି ଭଲ ହୋଇଥାଏ । ବଥୁଆ ପାଣିରେ ସ୍ନାନ କରିବା ଦ୍ୱାରା ତ୍ୱଚା ରୋଗ ଦୂର ହୋଇଥାଏ ।

# ଦେହକୁ ହିତ ଗାଜର

**ଶ**ରୀର ପାଇଁ ଗାଜର ଏକ ମହତ୍ତ୍ୱପୂର୍ଣ୍ଣ ପରିବା । ଏଥିରେ ଭିଟାମିନ୍ ଏ', ଭିଟାମିନ୍ ସି', ଭିଟାମିନ୍ ଇ', ଆଇରନ, ମ୍ୟାଗ୍ନେସିୟମ, ଫସଫରସ ପ୍ରଭୃତି ପ୍ରଚୁର ପରିମାଣରେ ରହିଥାଏ ।

ଗାଜର ରକ୍ତହୀନତା ଦୂର କରେ । ଏହା କୋଲେଷ୍ଟରଲ ସ୍ତରକୁ ନିୟନ୍ତ୍ରଣ କରେ । ଗାଜର ମଧୁମେହର ପ୍ରାକୃତିକ ପ୍ରତିରୋଧକ । ଉଚ୍ଚ ରକ୍ତଚାପରେ ପୀଡିତ ବ୍ୟକ୍ତି ପ୍ରତିଦିନ ଖାଇବା ପୂର୍ବରୁ ଗାଜର ରସ ପିଇବା ଉଚିତ୍ । କାରଣ ଏହା ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏଥିରେ ଥିବା ବିଟା କେରୋଟିନ କର୍କଟ ରୋଗର ଉତ୍ତମ ପ୍ରତିରୋଧକ । ସକାଳେ ଖାଲି ପେଟରେ ଗାଜର ରସ ପିଇଲେ ବଦହଜମିରୁ ମୁକ୍ତି ମିଳେ । ଗାଜରରେ ଥିବା ଭିଟାମିନ୍ ଆଖିକୁ ନୀରୋଗ ରଖେ । ହୃଦୟକୁ ସୁସ୍ଥ ରଖିବାରେ ଗାଜର ସହାୟକ । ଏଥିରେ ଥିବା ଆଣ୍ଟି ଅକ୍ସିଡେଣ୍ଟ ବୟସର ପ୍ରଭାବ ହ୍ରାସ କରେ । ବିଟା କେରୋଟିନ ସହ ଏଥିରେ ଥିବା ଅଲ୍ଫାକେରୋଟିନ ଓ ଲୁଟେଇନ ହୃଦୟକୁ ନୀରୋଗ ରଖେ ।

ଗାଜର ଦୂଷିତ ରକ୍ତକୁ ସଫା କରେ, ଫଳରେ ତ୍ୱଚା ଉଜ୍ଜ୍ୱଳ ହୁଏ ।



# ଶରୀର ପାଇଁ ଭଲ ସାଗୁଦାନା

ପୂର୍ବରୁ ପିଲା ଖାଦ୍ୟ ରୂପେ ଶାଗୁ ଦାନାକୁ ବ୍ୟବହାର କରାଯାଉଥିଲା । ଏଥିପାଇଁ ମା' ମାନେ ସାଗୁ ଭାଜି ଚକିରେ ପେଶି ଗାଈ କ୍ଷୀର, ଚିନି ପକାଇ ଆଉଟି ଶିଶୁଙ୍କୁ ଖାଇବାକୁ ଦେଉଥିଲେ ।



ପିଲା ହୁଅନ୍ତୁ କି ବଡ଼ ପେଟ ଖରାପ ହୋଇ ଝାଡା ହେଉଥିଲେ ସାଗୁ ଓ କଦଳୀ ଖାଇବାକୁ ଦିଆଯାଇଥାଏ । ଏହା ପେଟକୁ ଥଣ୍ଡା କରିବା ସହିତ ତରଳ ଝାଡାକୁ କଣ୍ଟ୍ରୋଲ କରିଥାଏ ।

ସାଗୁରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଆଜିକାଲି ପ୍ରାୟ ସ୍ନାକ୍ସ ଓ ଲୁଣି ଖାଦ୍ୟ ବା ପାମ୍ପଡ ଆଦି ସାଗୁରେ ତିଆରି କରାଯାଉଛି ।

ସାଗୁ ଦାନା ପ୍ରସ୍ତୁତ ଗୋଲଫିଙ୍ଗର ପିଲାଙ୍କ ପ୍ରିୟ ସ୍ନାକ୍ସ । ଶାଗୁ ମଣ୍ଡ ପ୍ରସ୍ତୁତ କରି ସୂତା ଲୁଗାରେ ଦିଆଯାଇଥାଏ । ତ୍ୱଚା ପାଇଁ ଶାଗୁ ଖୁବ୍ ଉପକାରୀ, ଏହା ତ୍ୱଚାର ଡାର୍କ ସର୍କଲ ଓ ଅଣ୍ଡରଆର୍ମ୍ସରେ ଥିବା କଳା ଦାଗରୁ ମୁକ୍ତି ଦେଇଥାଏ । ଏଥିପାଇଁ ସାଗୁ ବାଟି ଏଥିରେ ଅଳ୍ପ ଦହି ଓ ହଳଦୀ ପାଉଡର ମିଶାଇ ପ୍ୟାକ ପ୍ରସ୍ତୁତ କରନ୍ତୁ । ଏବେ ଏହି ପ୍ୟାକକୁ ଅଣ୍ଡରଆର୍ମ୍ସର ଡାର୍କ ସ୍ଥାନରେ ୧ ଘଣ୍ଟା କାଳ ଲଗାଇ ରଖି ସଫା ପାଣିରେ ଧୋଇ ଦିଅନ୍ତୁ, ଏମିତି ସପ୍ତାହକୁ ଦୁଇ ତିନି ଥର କରନ୍ତୁ । କିଛି ଦିନ ଭିତରେ ଆପଣଙ୍କ ଅଣ୍ଡରଆର୍ମରୁ ଡାର୍କନେସ କେଉଁଆଡେ ଉଭେଇ ଯିବ । ମୁହଁରେ କଳା ବ୍ରଣ ହୋଇଥିଲେ ସାଗୁ ଦାନାକୁ ବାଟି ଏଥିରେ ଅଳ୍ପ ରୋଜ ୱାଟର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ ଏହାକୁ ତ୍ୱଚାରେ ଲଗାଇବାର ଅଧା ଘଣ୍ଟା ପରେ ମୁହଁକୁ ସଫା କରି ଦିଅନ୍ତୁ । ଏଥିରେ ଅଳ୍ପ ଦିନ ଭିତରେ ମୁଖ ବ୍ରଣ ଦୂର ହୋଇଯିବ ।

ଅଏଲି ଓ ଡ୍ରାଏ ସ୍କିନ୍ ହୋଇଥିଲେ ସାଗୁ ଦାନକୁ ବାଟି ଏଥିରେ ଲେମ୍ବୁ ରସ ମିଶାଇ ପ୍ୟାକ ପ୍ରସ୍ତୁତ କରି ଏହାକୁ ମୁହଁରେ ଲଗାଇବାର ୧୫ ମିନିଟ ପରେ ସଫା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ସବୁଠିକ୍ ହୋଇଯିବ ।

ଯଦି ଆପଣ ଡ୍ରାଏସ୍କିନ ଯୋଗୁଁ ଚିନ୍ତାରେ ପଡିଛନ୍ତି ତେବେ ସାଗୁକୁ ବାଟି, ଏଥିରେ ମଲାଇ ମିଶ୍ରଣ କରନ୍ତୁ । ଏହି ପ୍ୟାକ୍ ତ୍ୱଚାର ଡ୍ରାଏନେସ ଦୂର କରିଦେବ । ଯଦି ସ୍କିନ୍ ଅଧିକ ଡ୍ରାଏ ରହିଛି ତେବେ ଏହାକୁ ତିନିଥର ଲଗାନ୍ତୁ । କିଛିଦିନ ଭିତରେ ତ୍ୱଚାର ଡ୍ରାଏନେସ ଦୂର ହୋଇଯିବ ।

# ଶରୀର ପାଇଁ ଭଲ ବାସିରୁଟି

**ବା**ସି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ବିଶେଷଜ୍ଞଙ୍କ ମତରେ ୧୨ ଘଣ୍ଟାରୁ ଅଧିକ ସମୟ ରହିଥିବା କୌଣସି ଖାଦ୍ୟ ଖାଇଲେ ଫୁଡ୍ ପଏଜନିଙ୍ଗ ସହ ଅନ୍ୟାନ୍ୟ ସମସ୍ୟା ଉପୁଜିଥାଏ । ହେଲେ ବାସି ରୁଟି ଖାଇଲେ ସେ ସମସ୍ତ ସମସ୍ୟାର ବରଂ ସମାଧାନ ହୋଇଥାଏ ବୋଲି ଅନୁଧ୍ୟାନରୁ ପ୍ରକାଶ । ଡାକ୍ତର ପ୍ରିୟଙ୍କା ରୋହତଗୀଙ୍କ ମତରେ ବାସି ରୁଟି ଖାଇଲେ ଅମ୍ଳ ସମସ୍ୟାରୁ ମୁକ୍ତି ମିଳିବା ସହ ସୋଡିୟମ୍ ଏଥିରେ ଆବଶ୍ୟକ ପରିମାଣରେ ଥାଏ । ବାସି ରୁଟି ଖାଇଲେ ଆପଣଙ୍କ ଓଜନ ନିୟନ୍ତ୍ରିତ ରହିବା ସହ ମଧୁମେହ ହେବାର ଆଶଙ୍କା କମ୍ ରହିଥାଏ । ସକାଳ ଜଳଖିଆରେ କ୍ଷୀରରେ ବାସି ରୁଟିକୁ ଭିଜାଇ ଖାଇଲେ ତାହା ଆପଣଙ୍କ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ । ୧ ସପ୍ତାହ ଏପରି ଜଳଖିଆ କରିବା ପରେ ଆପଣ ରକ୍ତଚାପକୁ ଅନୁଧ୍ୟାନ କରନ୍ତୁ । ବିଶେଷଜ୍ଞଙ୍କ ମତରେ କ୍ଷୀର ସହ ବାସି ରୁଟି ଖାଇବା ସବୁଠୁ ଭଲ ।



## ଆପଣ ଜାଣନ୍ତି କି ?

- ମଣିଷ ଜୀବନକାଳରେ ହାରାହାରି ୫୦ ଟନ୍ ଖାଦ୍ୟ ଖାଉଥିବା ବେଳେ ୫୦,୦୦୦ ଲିଟର ଜଳ ପିଇବା ପାଇଁ ବ୍ୟବହାର କରିଥାନ୍ତି ।
- ଆମ ଶରୀରରେ ଥିବା କିଡ଼ନୀ ଗୋଟିଏ ଫିଲଟର୍ ଭଳି କାମ କରିଥାଏ । ଏହା ଗୋଟିଏ ମିନିଟ୍‌ରେ ପାଖାପାଖି ୧.୩ ଲିଟର ରକ୍ତ ଫିଲଟରିଂ କରିଥାଏ ।
- ପ୍ରତ୍ୟେକ ମଣିଷ ଶୋଇଲାବେଳେ ୮ ମି.ମି. ବଢ଼ିଥାନ୍ତି ।
- ମଣିଷର ଫୁସ୍‌ଫୁସ୍ ସମୁଦାୟ ୩୦୦,୦୦୦ ମିଲିୟନ୍ ରକ୍ତ କଣିକାକୁ ନେଇ ଗଠିତ ହୋଇଥାଏ । ଯଦି ଏହି କଣିକାଗୁଡ଼ିକୁ ପରସ୍ପର ସହିତ ଯୋଡି ରଖାଯାଏ, ତେବେ ଏହା ୨୪୦୦ କି.ମି. ପର୍ଯ୍ୟନ୍ତ ଲମ୍ବିପାରିବ ।
- ଜଣେ ମଣିଷ ତା'ର ଆଖିରେ ପାଖାପାଖି ୯୦ ପ୍ରତିଶତ ଘଟଣାକୁ ସାଇତି ରଖିବାରେ ସକ୍ଷମ ହୋଇଥାଏ ।
- ପ୍ରତିଟି ଆଙ୍ଗୁଳିର ନଖ ଛଅ ମାସ ସମୟ ଭିତରେ ମୂଳରୁ ଆଗ ଯାଏ ବଢ଼ିଥାଏ ।
- ଆଖିରେ ଥିବା ମାଂସପେଶୀ ଦିନକୁ ୧୦୦,୦୦୦ ଥର ଗତି କରିଥାଏ । ଗୋଡ଼ର ମାଂସପେଶୀ ଯଦି ଏହି ମାତ୍ରାରେ ଚାଲେ, ତେବେ ଜଣେ ମଣିଷକୁ ଦିନକୁ ୮୦ କି.ମି. ଚାଲିବାକୁ ପଡିବ ।
- ଆମକୁ ହଜମ କରାଇବାରେ ସାହାଯ୍ୟ କରାଉଥିବା ଏସିଡ୍ ଏତେ ଶକ୍ତିଶାଳୀ ଯେ ତାହା ଦସ୍ତାକୁ ମଧ ତରଳାଇ ଦେଇପାରିବ ।
- ମଣିଷ ଶରୀରରେ ଥିବା ରକ୍ତ କୋଷିକାଗୁଡ଼ିକୁ ପୁନର୍ଜୀବିତ ହେବା ପାଇଁ ୬୦ ସେକେଣ୍ଡ ସମୟ ନେଇଥାନ୍ତି ।

## କହିପାରିବେ କି ?

(୧) ଆମ ଶରୀରରେ ସବୁଠାରୁ ସମ୍ବେଦନଶୀଳ ଅଙ୍ଗ କେଉଁଟି ?
(୨) ନବୀକରଣ ଯୋଗ୍ୟ ହୋଇ ନଥିବା ପ୍ଲାଷ୍ଟିକ୍‌କୁ କ'ଣ କହନ୍ତି ?
(୩) ନାକରେ ଥିବା ଦୁଇଟି ରନ୍ଧ୍ରକୁ କ'ଣ କୁହାଯାଏ ?
(୪) ଖାଇବା ସୋଡ଼ାର ରାସାୟନିକ ନାମ କ'ଣ ?
(୫) ବିଶ୍ୱର ଦୀର୍ଘତମ ନଦୀ କେଉଁଟି ?
(୬) ଦୁନିଆର ସବୁଠାରୁ ବଡ଼ ହ୍ରଦ ନାଁ କ'ଣ ?
(୭) ବିଶ୍ୱର ସବୁଠାରୁ ବଡ଼ ବନ୍ଧ କେଉଁଠାରେ ଅବସ୍ଥିତ ?
(୮) ଭାରତର ସବୁଠାରୁ ଦୀର୍ଘତମ ରାସ୍ତାର ନାମ କ'ଣ ?
(୯) ଭାରତର କେଉଁ ରାଜ୍ୟରେ ସବୁଠାରୁ ଦୀର୍ଘ ସମୁଦ୍ର ତଟ ରହିଛି ?
(୧୦) ଭାରତର ଦୀର୍ଘତମ ଜାତୀୟ ରାଜପଥ କେଉଁଠାରେ ଅବସ୍ଥିତ ?

### JUMBLE WORDS

| | | | |
|---|---|---|---|
| 1) CARYIP | = | 6) MOAAEB | = |
| 2) SANDUI | = | 7) ZOMIG | = |
| 3) FOYLT | = | 8) PAOYS | = |
| 4) RUORB | = | 9) SOTMYL | = |
| 5) DBEROT | = | 10) FUXLIN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ସୂର୍ଯ୍ୟ, ୨. ଦକ୍ଷିଣ ଆଫ୍ରିକା, ୩. ବାଗଦାଦ, ୪. ରୁପିୟା, ୫. ସ୍ୱିଜରଲାଣ୍ଡ, ୬. ଢ଼ାକା, ୭. ଇଜିପ୍ଟ, ୮. କାବୁଲ, ୯. ଜର୍ମାନୀ, ୧୦. ସିଲନ୍ ।

***Jumble Words*** ର ଉତ୍ତର :-

(1) KIOSK (2) SWEET (3) BISON (4) STREWN (5) PANTRY
(6) SHAME (7) PETTY (8) HONCHO (9) CLAMOR (10) PUTTY

# ଝାରସୁଗୁଡ଼ା ପୌର ପରିଷଦର ୫୨ ଲକ୍ଷ ଟଙ୍କା ହେର୍‌ଫେର୍

ଝାରସୁଗୁଡ଼ା: ଝାରସୁଗୁଡ଼ା ପୌର ପରିଷଦରେ ପ୍ରାୟ ୫୨ ଲକ୍ଷ ଟଙ୍କା ହେରଫେର୍ ହୋଇଥିବା ଅଭିଯୋଗ ହୋଇଛି । ଏହି ଟଙ୍କା ବ୍ୟାଙ୍କରୁ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଛି । ଏହା ଜଣା ପଡ଼ିବା ପରେ ପୌର ନିର୍ବାହୀ ଅଧିକାରୀ ଏବଂ ବ୍ୟାଙ୍କ ମ୍ୟାନେଜର୍ ପୃଥକ୍ ପୃଥକ୍ ଭାବେ ଝାରସୁଗୁଡ଼ା ଥାନାରେ ଏତଲା ଦେବା ପରେ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି ।

ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଝାରସୁଗୁଡ଼ା ଥାନାରେ ଦେଇଥିବା ଏତଲା ଅନୁଯାୟୀ ୫୧ ଲକ୍ଷ ୮୯ ହଜାର ୧୯୧ ଟଙ୍କା ସ୍ଥାନୀୟ ୟୁନିୟନ ବ୍ୟାଙ୍କରେ ଥିବା ପୌର ପରିଷଦର ଆକାଉଣ୍ଟରୁ ଜଗଜୀବନ ଦାଶ ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଛି । ଯେଉଁଥିରେ ପୌର ପରିଷଦ କର୍ତ୍ତୃପକ୍ଷଙ୍କ କୌଣସି ଅନୁମୋଦନ ନ ଥାଇ ଟ୍ରାନ୍ସଫର୍ ହୋଇଛି । ପୂର୍ବ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡିଙ୍କ ସମୟରେ ଏହି ଅର୍ଥ ଟ୍ରାନ୍ସଫର୍ କରାଯାଇଛି । ୟୁନିୟନ ବ୍ୟାଙ୍କ କର୍ତ୍ତୃପକ୍ଷ ପୂର୍ବ ନିର୍ବାହୀ ଅଧିକାରୀଙ୍କୁ ଏଭଳି ସରକାରୀ ଅର୍ଥର ଜାଲିଆତି କରାଯାଇଥିବାକୁ ନେଇ ନୋଟିସ୍ ଜାରି କରିଛନ୍ତି । ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ଗତ ୨୫ ଜୁଲାଇ ୨୦୨୩ ଦିନ ୬ ଲକ୍ଷ ୪୫ ହଜାର ୪୭୧ ଟଙ୍କା, ୨୨ ଅଗଷ୍ଟ ୨୦୨୩ ଦିନ ୨୨ ଲକ୍ଷ ୬୮ ହଜାର ୬୬୦ ଟଙ୍କା ଏବଂ ୨୧ ଅକ୍ଟୋବର ୨୦୨୩ ଦିନ ୨୨ ଲକ୍ଷ ୭୫ ହଜାର ୦୬୦ ଟଙ୍କା ଅର୍ଥାତ ସମୁଦାୟ ୫୧ ଲକ୍ଷ ୮୯ ହଜାର ୧୯୧ ଟଙ୍କା ତିନିଟି ପର୍ଯ୍ୟାୟରେ ଜଗଜୀବନ ଦାଶଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଛି । ପୂର୍ବ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜାଲିଆତି କରି ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ମାମଲା ରୁଜୁ କରାଯାଇ ତଦନ୍ତ କରିବାକୁ ନିର୍ବାହୀ ଅଧିକାରୀ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଛି ।

ସେହିପରି ୟୁନିୟନ ବ୍ୟାଙ୍କ ସରବାହାଲ ରୋଡ୍ ଶାଖା ପରିଚାଳକ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ ତତ୍କାଳୀନ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡିଙ୍କ ସ୍ୱାକ୍ଷରରେ ପୌର ପରିଷଦରୁ ଜାରି ପତ୍ରରେ ଜଗଜୀବନ ଦାଶଙ୍କ ଆକାଉଣ୍ଟକୁ ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ଟ୍ରାନ୍ସଫର ଲାଗି କୁହାଯାଇଥିଲା । ସେହି ଅନୁଯାୟୀ ବ୍ୟାଙ୍କରୁ ଅର୍ଥ ଟ୍ରାନ୍ସଫର୍ ହୋଇଛି । ମାତ୍ର ଗତ ଜୁନ ମାସ ୧୮ ତାରିଖ ପୌର ପରିଷଦରୁ ଏକ ପତ୍ର ହସ୍ତଗତ ହୋଇଥିଲା । ଯେଉଁଥିରେ ଉକ୍ତ ଅର୍ଥ ବେଆଇନ ଭାବେ ପୌର ପରିଷଦର ବିନା ଅନୁମୋଦନରେ ଟ୍ରାନ୍ସଫର୍ ହୋଇଥିବା ଉଲ୍ଲେଖ କରାଯାଇ ଏ ସଂକ୍ରାନ୍ତୀୟ ରେକର୍ଡପତ୍ର ଯୋଗାଇବାକୁ ବ୍ୟାଙ୍କକୁ ନିର୍ବାହୀ ଅଧିକାରୀ ଜଣାଇଥିଲେ । ହେଲେ ଏନେଇ ଖୋଳତାଡ଼ କରାଯିବା ପରେ ଉକ୍ତ ତିନିଟିଯାକ ଅର୍ଥ ଟ୍ରାନ୍ସଫର୍ ସଂକ୍ରାନ୍ତୀୟ ବ୍ୟାଙ୍କରେ ଜମା ଥିବା ଅରିଜିନାଲ କାଗଜପତ୍ର (ପୌର ପରିଷଦ ପକ୍ଷରୁ ଦାଖଲ ପତ୍ର ଓ ଅନ୍ୟାନ୍ୟ ଫର୍ମ) ବ୍ୟାଙ୍କରୁ ଗାଏବ କରି ଦିଆଯାଇଛି । ସହରର ମଙ୍ଗଳବଜାର ଅଞ୍ଚଳର ଅବୀର ସୁନା ନାମକ ଜଣେ ବ୍ୟକ୍ତି ଉକ୍ତ ରେକର୍ଡ ପତ୍ର ଚୋରି କରି ନେଇଥିବା ନିଜେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଆଗରେ ସ୍ୱୀକାର କରିଛନ୍ତି । ଅବୀର ସୁନା ଉକ୍ତ ତିନିଟି ଟ୍ରାନଜେକ୍ସନର କାଗଜପତ୍ରର କଲର୍ ଜେରକ୍ସ କରି ତାହାକୁ ବ୍ୟାଙ୍କରେ ରଖି ଅରିଜିନାଲ ଡକ୍ୟୁମେଣ୍ଟକୁ ବାହାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଏନେଇ ପୁଲିସ୍ ତଦନ୍ତ ଜାରି ରହିଛି ।

# ସଂଗଠନକୁ ମଜବୁତ କର...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ରତ୍ନ ଭଣ୍ଡାରକୁ ଖୋଲାଯାଇଛି । ପୂର୍ବରୁ ବିକାଶରେ ବାଧା ଦେଉଥିଲେ ସରକାର କିନ୍ତୁ ନୂଆ ସରକାର ବିକାଶକୁ ପ୍ରାଥମିକତା ଦେଇଛନ୍ତି । ସଂକଳ୍ପପତ୍ରରେ ଯାହା ଅଛି ଗୋଟି ଗୋଟି ସବୁ ପୂରଣ କରାଯିବ । ଓଡ଼ିଶାରେ ସେବା କରିବାକୁ ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀଙ୍କୁ ଶ୍ରୀ ନଡ଼ା ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକାରିଣୀ ବୈଠକ ପୂର୍ବରୁ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାତୀ ପରିଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ଓ ସହପ୍ରଭାରୀ ଲତା ଉସେଣ୍ଡୀ, ରାଜ୍ୟ ସମ୍ପାଦକ(ସଂଗଠନ) ମାନସ ମହାନ୍ତି, ଓଡିଶାର ସମସ୍ତ ବିଜେପି ସାଂସଦ, ରାଜ୍ୟର ସମସ୍ତ ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ ମୁଖପାତ୍ର, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ ଓ ସମସ୍ତ ମୋର୍ଚ୍ଚାର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁର ଜଙ୍କସନରୁ ସିଟି ଷ୍ଟେସନ ପର୍ଯ୍ୟନ୍ତ ହେବ ରେଳ ଫ୍ଲାଇଓଭର

ସମ୍ବଲପୁର: ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ସମ୍ବଲପୁର ଜଙ୍କସନରୁ ସମ୍ବଲପୁର ସିଟି ରେଳଷ୍ଟେସନକୁ ପର୍ଯ୍ୟନ୍ତ ୮୧୦ କିମି ଲମ୍ବର ନୂତନ ରେଳ ଫ୍ଲାଇଓଭର ନିର୍ମାଣ କରାଯିବ । ଏଥିପାଇଁ ରେଳ ବିଭାଗ ପକ୍ଷରୁ ୨୮୮,୬୧ କୋଟି ଟଙ୍କା ମଞ୍ଜୁର ହୋଇଛି । ଏହି ନୂତନ ଫ୍ଲାଇଓଭର ଦ୍ୱାରା ରେଳ ଚଳାଚଳ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ବିକାଶ ହେବ ଏବଂ ରେଳ ଚଳାଚଳ ବୃଦ୍ଧି ଓ ଜଟିଳ ମିଳନସ୍ଥଳରେ ଯାତାୟାତକୁ ସୁଗମ କରିବ । ସମ୍ବଲପୁରର ସମସ୍ତପାର୍ଶ୍ୱରୁ ଏକକାଳୀନ ରେଳ ଚଳାଚଳକୁ ସୁଗମ ଓ ସହଜ କରିବ । ଟିଟିଲାଗଡ଼, ଅନୁଗୋଳ ଓ ଝାରସୁଗୁଡ଼ା ପାର୍ଶ୍ୱକୁ ଏକ ସମୟରେ ପ୍ରତିବନ୍ଧକ ସମ୍ପୃକ୍ତ ରେଳ ଚଳାଚଳ ହୋଇପାରିବ । କ୍ରସ-ଟ୍ରାଫିକ ବିଳମ୍ବ ଓ କାର୍ଯ୍ୟକ୍ଷମ ଅପାରଗତାକୁ ଦୂରକରି ଏହି ଅଞ୍ଚଳରେ ରେଳଗାଡିର ହାରାହାରି ଗତି ଓ ଦକ୍ଷତା ବୃଦ୍ଧି ପାଇବ । ଏହି ନୂତନ ରେଳ ଫ୍ଲାଇଓଭର ଦ୍ୱାରା ଅନ୍ୟ ଲାଇନ ଅତିକ୍ରମ କରିବା ଆବଶ୍ୟକତାକୁ ଏଡାଇ ଟିଟିଲାଗଡ଼, ଝାରସୁଗୁଡ଼ା ଏବଂ ଅନୁଗୋଳ ପାର୍ଶ୍ୱରୁ ଏକ ସମୟରେ ରେଳଗାଡି ଚଳାଚଳ କରିପାରିବ । ଏହାଦ୍ୱାରା ଟ୍ରେନ୍ ଟ୍ରାଫିକ ପାଇଁ ସମ୍ବଲପୁର ଜଙ୍କସନ, ସମଲପୁର ସିଟିଷ୍ଟେସନ କିମ୍ବା ନିକଟସ୍ଥ ଷ୍ଟେସନରେ ଟ୍ରେନଗୁଡ଼ିକୁ ଅଟକ ରଖାଯିବ ନାହିଁ । ଜଙ୍କସନକୁ ଆସୁଥିବା ଟ୍ରେନ ଗୁଡିକର ଅପେକ୍ଷା ସମୟ ହ୍ରାସ ପାଇବ । କାରଣ ଏବେ ଝାରସୁଗୁଡ଼ା, ଟିଟିଲାଗଡ଼ ଏବଂ ଅନୁଗୋଳ ପାର୍ଶ୍ୱରୁ ସମ୍ବଲପୁର ଜଙ୍କସନକୁ ଆସୁଥିବା ଟ୍ରେନଗୁଡିକୁ କ୍ରସଟ୍ରାଫିକ ସମସ୍ୟା ଯୋଗୁଁ ସମ୍ବଲପୁର କିମ୍ବା ସିଟିଷ୍ଟେସନ ଠାରେ ନିୟନ୍ତ୍ରଣ କରାଯାଉଛି, ଫଳରେ ଟ୍ରେନ ଚଳାଚଳରେ ବିଳମ୍ବ ହେଉଛି । ଉକ୍ତ କ୍ରସ ଟ୍ରାଫିକ ସମସ୍ୟାକୁ ଏହି ନୂତନ ରେଳ ଫ୍ଲାଇଓଭର ସମାଧାନ କରିବ ଏବଂ ଭୂପୃଷ୍ଠ କ୍ରସିଂ ବିନା ଏକକାଳୀନ ସମସ୍ତ ପାର୍ଶ୍ୱକୁ ରେଳ ଚଳାଚଳକୁ ସକ୍ଷମ କରିବ । ଟ୍ରେନ ଯାତାୟାତ ସମୟ ହ୍ରାସ ପାଇବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏବେ ସମ୍ବଲପୁର ଜଙ୍କସନ ଷ୍ଟେସନକୁ ୩୫୦ କୋଟି ଟଙ୍କା ଏବଂ ସମ୍ବଲପୁର ସିଟି ଷ୍ଟେସନକୁ ୨୪ କୋଟି ଟଙ୍କାରେ ପୁନଃ ବିକାଶ କରାଯାଉଛି । ସେହିପରି ସମ୍ବଲପୁରରୁ ଝାରସୁଗୁଡ଼ା ଏବଂ ସମ୍ବଲପୁରରୁ କେରଜଙ୍ଗ ରେଳସେକ୍ସନ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳ ଲାଇନର କାର୍ଯ୍ୟ ଜାରି ରହିଥିବା ସୂଚନା ଦିଆଯାଇଛି ।

# ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ



ସମ୍ବଲପୁର: ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ବାଳିକା ମାନଙ୍କ ପାଇଁ ବିଦ୍ୟାଳୟସ୍ତରୀୟ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ଜୟଶ୍ରୀ ଦୋରା ଏହା ଉଦଘାଟନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଲୋକିତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଧନକଉଡା ବ୍ଲକର ବରିଷ୍ଠ ଗୋଷ୍ଠୀଶିକ୍ଷାଧିକାରୀ ଶ୍ରୀମତୀ ସେବାଶ୍ରୀ ଭୋଇ, ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ରମେଶ ମିଶ୍ର ଓ ଜିଲ୍ଲା ବାଳିକାଶିକ୍ଷା ସଂଯୋଜକ ଅବିନାଶ ସାହୁ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟସ୍ତରରେ ତାଲିମପ୍ରାପ୍ତ ପ୍ରଶିକ୍ଷିକା ମୀନାରାଣୀ ମଲ୍ଲିକ ଓ ସୁଶ୍ରୀ ସଙ୍ଗୀତା ତିର୍କୀ ଯୋଗଦେଇ ବାଳିକାମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କଳା ଓ କୌଶଳ ଶିକ୍ଷା ଦେଇଥିଲେ । ସହକାରୀ ଶିକ୍ଷକ ପ୍ରମୋଦ କୁମାର ବେହେରା ସଂଯୋଜନା କରିଥିବା ବେଳେ ବେଞ୍ଜୁରାଣୀ ବେହେରା ଓ ସଞ୍ଜୟ ବର୍ମା ପ୍ରମୁଖ ସହଯୋଗ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ (୨୦୨୪-୨୫) ସମ୍ବଲପୁର ଜିଲ୍ଲାରେ ୬୨୮ ଟି ସରକାରୀ ଉଚ୍ଚପ୍ରାଥମିକ, ଉଚ୍ଚ ତଥା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ ୩୯୪୫୨ ଜଣ କିଶୋରୀ ବାଳିକାଙ୍କୁ ସମଗ୍ର ଶିକ୍ଷା ତରଫରୁ ଏହି ପ୍ରଶିକ୍ଷଣ ଦିଆଯିବ । ମାସକୁ ପାଞ୍ଚଦିନ ହିସାବରେ ତିନିମାସକୁ ସମୁଦାୟ ପନ୍ଦରଦିନ ଏହି ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି ।

# ପଶ୍ଚିମ ଓଡ଼ିଶା ବୈଦିକ କର୍ମକାଣ୍ଡ ପଣ୍ଡିତ ମହାସଂଘ ବୈଠକ

ବିନିକା: ପଶ୍ଚିମ ଓଡ଼ିଶା ବୈଦିକ କର୍ମକାଣ୍ଡ ପଣ୍ଡିତ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ମହାସଂଘ ନିର୍ଦ୍ଦେଶକ ସଂଜୀବ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତ ମହାସଂଘ କୁଳପତି ସଚ୍ଚିଦାନନ୍ଦ ମିଶ୍ର, ସଭାପତି ବୈଷ୍ଣବ ଷଡ଼ଙ୍ଗୀ, ଉପସଭାପତି ନେହେରୁଲାଲ ଶତପଥୀ, ସଚିବ ଡ଼. କିଶୋର କୁମାର ମିଶ୍ର ଉପ କୁଳପତି ସୁମନ୍ତ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରୁ ସଭାରେ ପଶ୍ଚିମ ଓଡ଼ିଶା ବୈଦିକ କର୍ମକାଣ୍ଡ ପଣ୍ଡିତ ମହାସଂଘ ତୁରନ୍ତ ନାମ ପଞ୍ଜିକରଣ ଆଲୋଚନା ହୋଇଥିଲା । ପରେ ନୂତନ ଭାବରେ ସଂଯୋଜକ ମାନଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ହରିଶ୍ଚନ୍ଦ୍ର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆବର୍ଜନାର ସହର ପାଲଟିଛି ସମ୍ବଲପୁର

ସମ୍ବଲପୁର: ସମ୍ବଲପୁର ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ଏସ୍ଏମ୍ସି ବିଫଳ ହୋଇଛି । ସହରର ବିଭିନ୍ନ ଅଞ୍ଚଳରୁ ନିୟମିତ ଭାବରେ ଆବର୍ଜନା ଉଠୁନାହିଁ । ରାସ୍ତାକଡ଼ରେ ଦିନ ଦିନ ଧରି ଆବର୍ଜନା ଜମା ହୋଇ ରହୁଛି । ଆବର୍ଜନା ଜମା ହୋଇ ରହିବା ଦ୍ୱାରା ଦୁର୍ଗନ୍ଧ ହେବା ସହ ମାଛି ଭଣଭଣ ହେଉଛନ୍ତି । ସମ୍ବଲପୁର- ସୋନପୁର ମୁଖ୍ୟ ରାସ୍ତାର ଧନୁପାଲି ସ୍କୁଲ ନିକଟରେ ଏହାର ନମୁନା ଜଳଜଳ ହୋଇ ଦେଖାଯାଉଛି । ସହର ଭିତରେ ଜମା ହୋଇ ରହୁଥିବା ଅଳିଆ ସହରବାସୀଙ୍କୁ ଅତିଷ୍ଠ କଲାଣି । ବାରମ୍ବାର ଜଣାଇଲେ ବି ଏସଏମସି କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । କୌଣସି ସଫେଇ କର୍ମଚାରୀ ଆସୁନାହାନ୍ତି । ଫଳରେ ସ୍ଥାନୀୟ ଲୋକେ ଅଳିଆ ସଫା କରିବା ଭଳି ପରିସ୍ଥିତି ଉପୁଜୁଛି । ଶାନ୍ତିନଗର ଅଞ୍ଚଳରେ ଏଭଳି ସ୍ଥିତି ଦେଖାଯାଇଛି । ଶାନ୍ତିନଗର ମୁଖ୍ୟ ରାସ୍ତାରୁ ଭିତରକୁ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ରାସ୍ତା ଏସଏମସିର ଅଘୋଷିତ ଡମ୍ପିୟାର୍ଡ ସାଜିଛି । ସାମାନ୍ୟ ପବନ ହେଲେ ରାସ୍ତାକଡ଼ର ଆବର୍ଜନା ଏଣେତେଣେ ବିଛାଡ଼ି ହେଉଛି । ଏସଏମସି କର୍ମଚାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କେହି ସ୍ଥାନୀୟ ବାସିନ୍ଦାଙ୍କ କଥା ଶୁଣିଲେ ନାହିଁ । ଶେଷରେ ଗୁରୁବାର ଭୀମ ଭୋଇ ତରୁଣ ବିଦ୍ୟାର୍ଥୀ ଶାଖାର ସ୍ୱୟଂସେବକମାନେ ଆବର୍ଜନା ଉଠାଇଥିବା ଦେଖାଯାଇଛି । ଶାଖାର ସେବା ପ୍ରମୁଖ ବିଶ୍ୱରଞ୍ଜନ ଜେନା ଓ ସାନ ଛତ୍ରିଆଙ୍କ ନେତୃତ୍ୱରେ ହରି ହରିପାଲ, ଆଶୁତୋଷ ପଣ୍ଡା, ଆକାଶ ପାଢ଼ୀ, କୌଶିକ ସାହୁ, ଧିରେନ ପ୍ରଧାନ, ରୁଦ୍ର କର୍ଣ୍ଣଙ୍କ ସହ ଅନେକ ସ୍ୱୟଂ ସେବକ ଏଥିରେ ସାମିଲ ହୋଇଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# ବେଆଇନ ଆଶ୍ ଡମ୍ପିଂ ପାଇଁ ହିଣ୍ଡାଲକୋକୁ ଜୋରିମାନା

ସମ୍ବଲପୁର : ଝାରସୁଗୁଡ଼ା ପରେ ଆଶ୍ ମାଫିଆମାନଙ୍କର ନଜର ସମ୍ବଲପୁର ଜିଲ୍ଲାରେ ପଡିଛି । ବିଭିନ୍ନ ଶିଳ୍ପାନୁଷ୍ଠାନରୁ ନିର୍ଗତ ପାଉଁଶର ବେଆଇନ ଭାବେ ଦଲାଲମାନେ ମନଇଚ୍ଛା ସାରା ଜିଲ୍ଲାରେ ଡମ୍ପ କରି ଚାଲିଛନ୍ତି । ଏହି ପରିପ୍ରେକ୍ଷୀରେ ହୀରାକୁଦର ହିଣ୍ଡାଲକୋ ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସମ୍ବଲପୁର ସହର ଉପକଣ୍ଠ ବୈଜାମୁଣ୍ଡା ଜାତୀୟ ରାଜପଥ କଡରେ ବେଆଇନ ଭାବେ ଆସ୍ ଡମ୍ପ ହେଉଥିବା ନେଇ ଅଭିଯୋଗର ତଦନ୍ତ କରି ହିଣ୍ଡାଲକୋ କଂପାନିକୁ ବୋର୍ଡ କର୍ତ୍ତୃପକ୍ଷ ୨ ଲକ୍ଷ ୬୧ ହଜାର ୩୦ ଟଙ୍କାର ଜୋରିମାନା କରିଛନ୍ତି ।

ବୁର୍ଲାର ବୈଜାମୁଣ୍ଡାର ମୁମ୍ବାଇ-କୋଲକାତା ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଶିଳ୍ପାନୁଷ୍ଠାନରୁ ନିର୍ଗତ ପାଉଁଶ ବା ଆଶ୍‌ର ଏକ ବିରାଟ ପାହାଡ଼ ଛିଡ଼ା ହେଲାଣି । ଦୀର୍ଘ ଦିନ ହେଲା ବଡ଼ ବଡ଼ ହାଇଓ୍ୱାରେ ବିଭିନ୍ନ ଶିଳ୍ପାନୁଷ୍ଠାନ ରାତାରାତି ଏଠାରେ ଶହ ଶହ ଟ୍ରିପ୍ ପାଉଁଶ ପକାଇ ଚାଲିଛନ୍ତି । ଆଶ୍ ଦଲାଲଙ୍କ ଦାଦାଗିରି ପାଇଁ ଏହାକୁ ପ୍ରତିବାଦ କରିବାକୁ ବି ସ୍ଥାନୀୟ ଲୋକେ ସାହସ ଜୁଟାଇ ପାରୁନାହାନ୍ତି । ଏଭଳି ସ୍ଥିତିରେ ନଟଓ୍ୱର କୁମାର ବାଙ୍କା ନାମକ ଜଣେ ବ୍ୟକ୍ତି ଗତ ୧୬ ତାରିଖରେ ଏନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ବୋର୍ଡ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ଏହି



ସମୟରେ ସେଠାରେ ବ୍ୟାପକ ମାତ୍ରାରେ ଆଶ୍ ଗଦା ହୋଇ ସାରିଥିବା ଦେଖିବାକୁ ମିଳିଥିଲା । ତଦନ୍ତ ବେଳେ ବୈଜାମୁଣ୍ଡା ମୌଜାର ଖାତା ନମ୍ବର ୩୦୩-୫୬ର ପ୍ଲଟ ନମ୍ବର ୮୩୪, ୮୩୫ ଏବଂ ୮୩୬ର ମୋଟ୍ ୮୬ ଡେସିମିଲ ଜମିରେ ଆସ୍‌ର ବିରାଟ ପାହାଡ ଛିଡା ହେଲାଣି ।

ବୋର୍ଡ କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ଏନେଇ ପଚାରିବାରୁ ହୀରାକୁଦର ହିଣ୍ଡାଲକୋ କାରଖାନାର ଆଶ୍ ଏଠାରେ ପଡୁଥିବା ସୂଚନା ଦେଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ତେବେ, ଏଥିପାଇଁ କଂପାନି କର୍ତ୍ତୃପକ୍ଷ ବୋର୍ଡରୁ କୌଣସି ଅନୁମତି ନେଇନଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏହି ଆଶ୍ ଡମ୍ପିଂ ସ୍ଥାନକୁ ଲାଗି ଏକ କେନାଲ ବୋହି ଯାଇଛି । ଆଉ ଏହି ଆଶ୍ ବର୍ଷା ପାଣିରେ ଆସି କେନାଲ ପାଣିକୁ ପ୍ରଦୂଷିତ କରୁଥିବା ଅଭିଯୋଗ ହେଉଛି । ସେହିପରି ନିକଟରେ ଏକ ଜନବସତି ସହିତ ଦୁଇଟି ଢାବା ବି ରହିଛି । ଯଦ୍ୱାରା ସ୍ଥାନୀୟ ଅଧିବାସୀ ଏହାଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି । ତେଣୁ, ଏହି ଆଶ୍ ଉପରେ ତୁରନ୍ତ ମାଟିର ଏକ ଆସ୍ତରଣ ପକାଇବାର ଜରୁରୀ ହୋଇପଡିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ବେଆଇନ ଡମ୍ପ ପାଇଁ ବୋର୍ଡ ପକ୍ଷରୁ ୨ ଲକ୍ଷ ୬୧ ହଜାର ୩୦ ଟଙ୍କାର ଜୋରିମାନା କରାଯାଇଛି । କଂପାନୀ ବାରମ୍ବାର ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଏଭଳି ଆସ୍ ଡମ୍ପ କରୁଥିବାରୁ ଏହା ଦ୍ୱାରା ଭୟଙ୍କର ପ୍ରଦୂଷଣ ହେବା ସହିତ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତି ଦେଖା ଦେଉଛି । ସେଥିପାଇଁ ଏହି ଅର୍ଥ ଆଦାୟ କରିବାକୁ ବୋର୍ଡର ଆଞ୍ଚଳିକ ଅଧିକାରୀ ରାଜ୍ୟ ବୋର୍ଡର ସଦସ୍ୟ ସଚିବଙ୍କୁ ସୁପାରିଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ହିଣ୍ଡାଲକୋ ବାରମ୍ବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମନଇଚ୍ଛା ଆସ୍ ପକାଉଥିବା ନେଇ ଅଭିଯୋଗ ହୋଇ ଆସିଛି । ଏପରିକି ପୂର୍ବରୁ ମଧ୍ୟ ବୋର୍ଡ ପକ୍ଷରୁ କଂପାନିକୁ ନୋଟିସ୍ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ ।

ସେହିପରି ଠେଲକୋଲି ନିକଟରେ ଏସଏମସି କାରଖାନା ବେଆଇନ ଭାବେ ଫ୍ଲାଏଆସ୍ ପକାଉ ଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜରିମାନା କରାଯାଇଛି ।

# ବେଆଇନ କାରବାର ଅଭିଯୋଗରେ ଟ୍ରକ୍‌ମାନଙ୍କଠୁ ଜୋରିମାନା ଆଦାୟ

ଝାରସୁଗୁଡ଼ା : ଝାରସୁଗୁଡ଼ା ସହରର ବଡ଼ମାଳ ଛକ, ପ୍ରସନ୍ନ ପଣ୍ଡା ଛକ ଏବଂ ବିଭିନ୍ନ ସ୍ଥାନରେ ମାଲ ବୋଝେଇ ଟ୍ରକ୍ ଗୁଡିକ ଲମ୍ବାଧାଡିରେ ଛିଡ଼ା ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବାରୁ ଏହାକୁ ରୋକିବା ପାଇଁ ପରିବହନ ଏବଂ ପୋଲିସ୍ ବିଭାଗ ପକ୍ଷରୁ ମିଳିତ ଅଭିଯାନ ଆରମ୍ଭ ହୋଇଛି । ରାସ୍ତାକଡ଼ରେ ବେଆଇନ ଭାବେ ଛିଡ଼ା ହୋଇଥିବା,



କ୍ଷମତାରୁ ଅଧିକ ଜିନିଷ ବୋଝେଇ କରିଥିବା, କୋଇଲା ପରିବହନ ବେଳେ ଟ୍ରକ୍‌ରେ ତାରପୋଲିନ୍ ନ ଢ଼ାଙ୍କିବା ଇତ୍ୟାଦି ଅଭିଯୋଗରେ ଟ୍ରକ୍ ମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି । ଚଳିତ ମାସ ୧ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଏ ବାବଦରେ ୩୦୫ ଟି ଚାଲାନ କଟାଯାଇ ପ୍ରାୟ ୨୦ ଲକ୍ଷ ୪୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହାଛଡ଼ା ଭବିଷ୍ୟତରେ ଟ୍ରକ୍ ଡ୍ରାଇଭର ମାନେ ଏଭଳି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ସତର୍କ କରି ଦିଆଯାଇଛି । ଝାରସୁଗୁଡ଼ା ଆରଟିଓ ଦିନବନ୍ଧୁ ଶୁଣ୍ଢୀ, ବଡ଼ମାଳ ଥାନାଧିକାରୀ ରାଜେନ୍ଦ୍ର ସିଆଲ ଓ ସଦରଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଛାୟତ ରାସ୍ତାର ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ଉ ଓ ଯାଞ୍ଚକରି ଏହି ଜରିମାନା ଆଦାୟ କରିଛନ୍ତି । ଭବିଷ୍ୟତରେ ମଧ ପରିବହନ ଓ ପୋଲିସ୍ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଜଣାପଡିଛି ।

# ମୁଖ୍ୟମନ୍ତ୍ରୀଙ୍କୁ 'ମିତ୍ରଭାନୁ ଗ୍ରନ୍ଥାବଳୀ' ଉପହାର



ଭୁବନେଶ୍ୱର : ପ୍ରସିଦ୍ଧ ସମ୍ବଲପୁରୀ ଗୀତ ରଙ୍ଗବତୀର ସ୍ରଷ୍ଟା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏ ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ 'ମିତ୍ରଭାନୁ ଗ୍ରନ୍ଥାବଳୀ'କୁ ଶ୍ରୀ ଗୌନ୍ତିଆ ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ । ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମଧ ଏହି ସମୟରେ ଉପସ୍ଥିତ ଥିଲେ ।

# ଭିମ୍‌ସାରରେ ଭିନ୍ନକ୍ଷମ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ବୁର୍ଲା : ଭିମ୍‌ସାରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇ ବିଭିନ୍ନ ଓ୍ୱାର୍ଡ ପାଇଁ ୧୦୦ଟି ହୁଇଲଚେୟାର ପ୍ରଦାନ କରାଯାଇଛି । ଭିମ୍‌ସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଭାବଗ୍ରାହୀ ରଥ ଏହି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଏଥିରେ ଭିମ୍‌ସାର





ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଲାଲମୋହନ ନାୟକ, ଷ୍ଟୋର ମେଡିକାଲ ଅଫିସର ପ୍ରଫେସର ଅଶୋକ କୁମାର ପାଣିଗ୍ରାହୀ, ଭିମ୍‌ସାର ଏଡିଏମ୍ ସୁଦର୍ଶନ ସାଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ, ଡିଡ଼ିଆରଓ ରବିନ୍ଦ୍ର ଶତପଥୀ, ଆସୋସିଏଟ୍ ପ୍ରଫେସର ଡାକ୍ତର ଜଗନ୍ନାଥ ହାତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ୧୫ ଭିନ୍ନକ୍ଷମଙ୍କୁ ଇ- ରିକ୍ସା ଦେଲା ଏମ୍‌ସିଏଲ୍

ସମ୍ବଲପୁର : ଭିନ୍ନକ୍ଷମମାନେ ନିଜ ସାମର୍ଥ୍ୟ ବୁଝି ନିଜେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ଉଦ୍ୟମ କରିବା ଉଚିତ । ନିଜେ ଉଦ୍ୟମ କଲେ ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇବ ।





ଭିନ୍ନକ୍ଷମମାନେ ନିଜକୁ ଆତ୍ମନିର୍ଭରଶୀଳ କରିବାରେ ଇ-ରିକ୍ସାର ପ୍ରଚଳନ ଏକ ସମୟ ଉପଯୋଗୀ ପଦକ୍ଷେପ ବୋଲି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ ମତବ୍ୟକ୍ତ କରିଛନ୍ତି । ଜିଲ୍ଲା ପ୍ରଶାସନ ଓ ଏମ୍‌ସିଏଲ୍‌ର ମିଳିତ ଆନୁକୂଲ୍ୟରେ ବୈଜାମୁଣ୍ଡାସ୍ଥିତ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ର (ଆଇଆଇସି) ପରିସରରେ ଆୟୋଜିତ ଉତ୍ସବରେ ୧୫ ଜଣ ଭିନ୍ନକ୍ଷମଙ୍କୁ ଇ-ରିକ୍ସା ବଣ୍ଟନ କରଯାଇଥିଲା । ଜିଲ୍ଲାପାଳ ଏହି ଯୋଜନା ପାଇଁ ଏମ୍‌ସିଏଲ୍‌ର ସହଯୋଗକୁ ଧନ୍ୟବାଦ ଦେଇଥିଲେ । ସେହିପରି ଭିମ୍‌ସାରରେ ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା, ଅସହାୟ ଏବଂ ଗୁରୁତର ରୋଗୀଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଭିମ୍‌ସାରକୁ ୧୦୦ଟି ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା । ୨୦୧୯ ମସିହାରେ ଜିଲ୍ଲାର ୨୦ ଜଣଙ୍କୁ ଇ-ରିକ୍ସା ପ୍ରଦାନ କରାଯାଇଥିବା ବେଳେ ୨୦୨୩ ନଭେମ୍ବର ମାସରେ ୬୭ଟି ଇ-ରିକ୍ସା ବଣ୍ଟନ କରାଯାଇଥିଲା । ଅଦ୍ୟାବଧି ଜିଲ୍ଲାରେ ୧୦୨ ଇ-ରିକ୍ସା ବଣ୍ଟନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୩୨ ଜିଲ୍ଲା ଖଣିଜ ପାଣ୍ଠି ଏବଂ ଏମ୍‌ସିଏଲ୍ ଅର୍ଥରେ ୭୦ ଇ-ରିକ୍ସା କ୍ରୟ କରାଯାଇଥିବା ସୂଚନା ମିଳିଛି । ଜିଲ୍ଲାପାଳ ଶ୍ରୀ ଅଗ୍ରଓ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭିମ୍‌ସାର ଅଧୀକ୍ଷକ ଡା. ଲାଲମୋହନ ନାଏକ, ଭିମ୍‌ସାର ନିର୍ଦ୍ଦେଶକ ସୁଦର୍ଶନ ସଏ, ଏମ୍‌ସିଏଲ୍‌ର ପ୍ରବନ୍ଧକ (ସିଏସ୍ଆର) ଏସ.କେ. ସିହ୍ନା ଓ ଅରବିନ୍ଦ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାପାଳ ମୂକ ଓ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମକୁ ଆଞ୍ଚଳିକ ଭିନ୍ନକ୍ଷମ କେନ୍ଦ୍ର ପୁନର୍ବାସ ଅଧିକାରୀ ରବୀନ୍ଦ୍ରନାଥ ଶତପଥୀ ପରିଚାଳନା କରିଥିଲେ ।

# ଏମ୍‌ସିଏଲ୍‌ରେ ଈଶାନେଶ୍ୱରୀ ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ





ବୁର୍ଲା : ମହାନଦୀ କୋଲଫିଲ୍ଡ୍‌ସ ଲିମିଟେଡର ଆନନ୍ଦ ବିହାରରେ ଈଶାନେଶ୍ୱରୀ ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇ ଯାଇଛି । ପ୍ରତିଷ୍ଠା ଉତ୍ସବର ଅଂଶ ସ୍ୱରୂପ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ, କଳସ ଶୋଭାଯାତ୍ରା, ସର୍ବଦେବା-ଦେବୀ ପୂଜା ଏବଂ ଯଜ୍ଞ ଆୟୋଜନ, ବିଶେଷପୂଜା, ହୋମ, ଆରତି ଏବଂ ବିଶେଷ ପୂଜା ନ୍ୟାସ, ହୋମ, ସିଂହାସନ ପ୍ରତିଷ୍ଠା, ଧ୍ୱଜ କଳସ ଓ ତ୍ରିଶୂଳ ସ୍ଥାପନା, ଦେବୀ ଓ ଦେବତାଙ୍କ ପ୍ରବେ ଶ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପଣ୍ଡିତ ସଚ୍ଚିଦାନନ୍ଦ ଶର୍ମା ଉତ୍ସବରେ ପୂଜାର୍ଚ୍ଚନା କରିଥିଲେ । ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଅନନ୍ତ କାଓଲେ, କର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା, ବୈଷୟିକ/ ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ଏ.କେ. ବାପଟ, ପ୍ରଶାସନ ବିଭାଗର ମହା ପ୍ରବନ୍ଧକ ଆର.ପି. ନନ୍ଦ, ଜନସମ୍ପର୍କ ବିଭାଗ ମୁଖ୍ୟ ଏନ.କେ. ମିଶ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ପୂଜା ସମୟରେ ଏମ୍‌ସିଏଲ୍ ଆନନ୍ଦ ବିହାର, ଜାଗୃତି ବିହାର କଲୋନୀ ଏବଂ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ବୀରେନ୍ଦ୍ର କୁମାର ଶତପଥୀ ଓ ପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପୂଜା କମିଟି ସମ୍ପାଦକ ସୁଧାକର ସାମଲ, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ ଓ ପଙ୍କଜ ଲୋଚନ ସାହ, ଉପଦେଷ୍ଟା ଗୌର ବସନ୍ତିଆ, ଚିତ୍ତରଞ୍ଜନ ନାହାକ, ଦିଲୀପ ନାୟକ, ଗୋପାଳ ବଗାର, ସୁଦୀପ୍ତ, ମହାଦେବ ସାହୁ, ରଞ୍ଜନ ବାରିକ, ଶିଶିର ଜେନା, ଶଶିଭୂଷଣ ପ୍ରଧାନ, ଅନିଲ ସାହୁ, କାମେଶ୍ୱର ସାହୁ, ଶିବ ବିଶ୍ୱାଳ, ଗତିକୃଷ୍ଣ ନନ୍ଦ, ରଞ୍ଜନ ସାମଲ, ବିଭାସ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra